# ମୃତ୍ତିକା ଉପରେ ପରିବର୍ତ୍ତିତ ଜଳବାୟୁର ପ୍ରଭାବ

**ପ୍ରଫେସର ସୁବୋଧ କୁମାର ସାହୁ**

ମୃତ୍ତିକା ପୃଥିବୀ ପୃଷ୍ଠର ଏକ ବୃହତ ଅଂଶ, ଯାହା ଉଭୟ ପ୍ରାଣୀ ଏବଂ ଉଦ୍ଭିଦଙ୍କର ବାସସ୍ଥଳୀ। ମୃତ୍ତିକାରେ ଉଦ୍ଭିଦ ବଢ଼ି ଆମକୁ ଖାଦ୍ୟ, ବସ୍ତ୍ର, ଔଷଧ, ଗୃହ ଉପକରଣ ଏବଂ ଉପଭୋଗ ପାଇଁ ସୌନ୍ଦର୍ଯ୍ୟ ଆଦି ଯୋଗାଇଥାଏ। ଜଳବାୟୁର ବିଭିନ୍ନ ପ୍ରଭାବରେ ଭୂଗର୍ଭ ଏବଂ ଭୂପୃଷ୍ଠସ୍ଥ ଶିଳା ତଥା ପ୍ରସ୍ତର ଖଣ୍ଡମାନ ଭାଙ୍ଗି କ୍ଷୁଦ୍ର ବାଲୁକା, ପଟୁ ଏବଂ କର୍ଦ୍ଦମରେ ପରିଣତ ହୋଇ ମୃତ୍ତିକା ସୃଷ୍ଟି ହୁଏ। ଏକ ହିସାବରୁ ଜଣାଯାଇଛି ଯେ ଭୂପୃଷ୍ଠର ଏକଘନ ଇଞ୍ଚ ଆୟତନର ମୃତ୍ତିକା ସୃଷ୍ଟି ପାଇଁ ପ୍ରାୟ ଏକ ହଜାରରୁ ପନ୍ଦରଶହ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିଥାଏ। ଅନ୍ୟ ପକ୍ଷରେ ଜଳବାୟୁର ଭିନ୍ନ ଭିନ୍ନ ପ୍ରଭାବରେ ବର୍ଷକୁ ପ୍ରାୟ ୫ରୁ ୭ଟନ୍ ପର୍ଯ୍ୟନ୍ତ ମୃତ୍ତିକା ଧୋଇ ହୋଇ ଭୂପୃଷ୍ଠରୁ ସ୍ଥାନାନ୍ତରିତ ହୁଏ।



ଜଳବାୟୁ କହିଲେ ମୁଖ୍ୟତଃ ବୃଷ୍ଟିପାତ, ବାୟୁପ୍ରଭାବ, ଭୂପୃଷ୍ଠ ଉତ୍ତାପ, ଆର୍ଦ୍ରତା, ବାୟୁମଣ୍ଡଳର ବିଭିନ୍ନ ବାଷ୍ପ ଆଦିକୁ ବୁଝାଏ। ବିଭିନ୍ନ କାରଣରୁ ଭୂପୃଷ୍ଠର ଜଳବାୟୁ ପରିବର୍ତ୍ତନର ଲକ୍ଷଣମାନ ଅନୁଭବ କରାଯାଉଛି। ଏହା କେତେବେଳେ ଶାନ୍ତ ତ କେତେବେଳେ ଭୟଙ୍କର।

ଜଳବାୟୁର ମୁଖ୍ୟ ଏକ ଅଂଶ ହେଉଛି ବୃଷ୍ଟିପାତ। ଏହାର ପରିମାଣ ଏବଂ ତୀବ୍ରତା ମୃତ୍ତିକା ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ। ବୃଷ୍ଟିପାତର ପରିମାଣ ସ୍ୱଳ୍ପ, ମଧ୍ୟମ, ପ୍ରବଳ ଅଥବା ଅତିପ୍ରବଳ ହୋଇପାରେ। ସ୍ୱଳ୍ପ ବୃଷ୍ଟିପାତ ପ୍ରସ୍ତର ଖଣ୍ଡ ଉପରେ ଅତିକ୍ଷୁଦ୍ରରୁ କ୍ଷୁଦ୍ର ଶିଉଳି ଜାତୀୟ ଭିନ୍ନ ଉଦ୍ଭିଦ ବଢ଼ାଇବାରେ ସାହାଯ୍ୟ କରେ। ଉକ୍ତ କ୍ଷୁଦ୍ର ଉଦ୍ଭିଦରୁ କେତେକ ଜୈବ ଅମ୍ଳ ସୃଷ୍ଟି ହୋଇ ପଥର ଦେହରେ ସରୁ ସରୁ ଫାଟ ହୁଏ। ସମୟ କ୍ରମେ ଉକ୍ତ ଫାଟ ବଢ଼ି ବଡ଼ ବଡ଼ ଫାଟରେ ପରିଣତ ହୋଇ ପରବର୍ତ୍ତୀ ସମୟରେ ଭାଙ୍ଗି ମାଟି ସୃଷ୍ଟି କରେ। ମଧ୍ୟମ ବୃଷ୍ଟିପାତ ଦ୍ୱାରା ଦୁଇ ପଥର ମଧ୍ୟରେ ଥିବା ଫାଙ୍କରେ ଫର୍ଣ୍ଣ ଜାତୀୟ ଉଦ୍ଭିଦ ବଢ଼ନ୍ତି। ଫର୍ଣ୍ଣର ଚେର ପଥରର ଦୁଇ ଫାଙ୍କରେ ଚାପ ପ୍ରୟୋଗ କରି ପଥରକୁ ଫଟାଇବା ଦ୍ୱାରା ସମୟ କ୍ରମେ ମାଟି ସୃଷ୍ଟି ହୁଏ।

ପ୍ରବଳ ଏବଂ ଅତି ପ୍ରବଳ ବର୍ଷା ଉଭୟ ମୃତ୍ତିକା ଗଠନ ଏବଂ କ୍ଷୟ ଘଟାଇ ଥାଏ। ପ୍ରବଳ ବର୍ଷା ଜଳସ୍ରୋତରେ ଭଗ୍ନ ଶିଳା ଖଣ୍ଡମାନ ବୋହିନେବା ସମୟରେ ପରସ୍ପର ମଧ୍ୟରେ ଘର୍ଷଣ ହୋଇ ପଥର ଖଣ୍ଡମାନ ଭାଙ୍ଗି ସେଥିରୁ ବୃହତ୍ ଏବଂ କ୍ଷୁଦ୍ର ବାଲୁକା ରାଶି ସୃଷ୍ଟି ହୁଏ। ଅତି ପ୍ରବଳ ବର୍ଷା ଦ୍ୱାରା ପାର୍ବତ୍ୟ ଅଞ୍ଚଳର ପାହାଡ଼ ଧସି ମୃତ୍ତିକା କ୍ଷୟ ହୁଏ। ଅନ୍ୟପକ୍ଷରେ ସମତଳ ଅଞ୍ଚଳର ନଦୀ ବଢ଼ି ଉପକୂଳରେ ଉର୍ବର ପଟୁ ମାଟି ସୃଷ୍ଟି ହୁଏ। ଉପକୂଳ ଅଞ୍ଚଳରେ ଝଡ଼ ଏବଂ ବନ୍ୟା ପ୍ରବଳ ବର୍ଷାର ଭିନ୍ନ କିଛି ରୂପ। ଝଡ଼ ହେଲେ ଲଗାଣ ବର୍ଷା ହୋଇ ନଦୀଜଳ ଫୁଲି କୂଳ ଲଙ୍ଘି ମୃତ୍ତିକା କ୍ଷୟ ହୁଏ। ଲଗାଣ ବର୍ଷା ସହ ପ୍ରବଳ ବେଗରେ ପବନ ବହିଲେ ବାତ୍ୟା ସୃଷ୍ଟି ହୋଇ ମୃତ୍ତିକା ମଧ୍ୟ କ୍ଷୟହୁଏ। ଗ୍ରୀଷ୍ମଋତୁରେ କୁଆପଥର ବୃଷ୍ଟି ସହ ଅସାଧାରଣ ବର୍ଷା ଟୋପାମାନ ଶିଳା ଖଣ୍ଡକୁ ଭାଙ୍ଗି କ୍ଷୁଦ୍ର ଶିଳାରେ ପରିଣତ କରି ପରବର୍ତ୍ତୀ ସମୟରେ ମୃତ୍ତିକା ସୃଷ୍ଟି କରାଏ। ଅନେକ ସମୟରେ ବୃହତ୍ ବର୍ଷା ଟୋପାମାନ ଉର୍ବର ମୃତ୍ତିକାକୁ ସ୍ଥାନାନ୍ତରିତ କରେ।

ବାୟୁ ପ୍ରବାହ ମୃତ୍ତିକା ଉପରେ ବୃଷ୍ଟିପାତଠାରୁ ଭିନ୍ନ ପ୍ରଭାବ ପକାଇ ଥାଏ। ଘୂର୍ଣ୍ଣିବାୟୁ, କାଳବୈଶାଖୀ ଏବଂ ଧୂଳିଝଡ଼ ବାୟୁ ପ୍ରବାହର ଭିନ୍ନ ତିନୋଟି ରୂପ। କୌଣସି ଏକ ନିର୍ଦ୍ଦିଷ୍ଟ ଭୂଭାଗ ହଠାତ୍ ଉତ୍ତପ୍ତ ହେଲେ ସେହି ସ୍ଥାନର ବାୟୁ ଉତ୍ତପ୍ତ ହୋଇ ଘୂର୍ଣ୍ଣୟମାନ ଅବସ୍ଥାରେ ବାଲି, ଧୂଳି ଏବଂ ସୂକ୍ଷ୍ମ କର୍ଦ୍ଦମ ଆଦି ବାୟୁମଣ୍ଡଳର ବହୁ ଉପରକୁ ଉଠି ସ୍ଥାନାନ୍ତର ହୁଏ। ବାୟୁ ପ୍ରବାହରେ ବଡ଼ ବଡ଼ ବାଲୁକାରାଶି ପଥରଖଣ୍ଡ ଉପରେ ପ୍ରବଳ ଆଘାତ ଦେଇ ପଥରକୁ ଭାଙ୍ଗେ। ମରୁଭୂମିରେ ପ୍ରବଳ ବାୟୁ ପ୍ରବାହରେ ବାଲୁକା ପାହାଡ଼ମାନ ସୃଷ୍ଟି ହୁଏ।

ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁର ଉତ୍ତାପ ଶୀତଋତୁରେ ପ୍ରାୟ ୭° ରୁ ୧୦° ସେଲସିୟସ ମଧ୍ୟରେ ରହୁଥିବା ବେଳେ ଗ୍ରୀଷ୍ମଋତୁରେ ଏହା ୪୫° ରୁ ୫୦° ସେଲସିୟସ ମଧ୍ୟରେ ହେବାର ରେକର୍ଡ ଅଛି। ଉତ୍ତାପର ତାରତମ୍ୟ ଯୋଗୁ ଭୂପୃଷ୍ଠସ୍ଥ ପଥର ପ୍ରସାରଣ ଓ ସଙ୍କୁଚିତ ହୋଇ ଫାଟେ ଏବଂ ପରବର୍ତ୍ତୀ ସମୟରେ ଭାଙ୍ଗି ବୃହତ ଓ କ୍ଷୁଦ୍ର ବାଲୁକା, ପଟୁ ଓ କର୍ଦ୍ଦମରେ ପରିଣତ ହୋଇ ମୃତ୍ତିକା ସୃଷ୍ଟି ହୁଏ।

ଆଗ୍ନେୟଗିରି ଉଦ୍‌ଗିରଣ ପ୍ରକୃତିର ଏକ ଭୟଙ୍କର ରୂପ। ଭୂଗର୍ଭସ୍ଥ ଶିଳା, ପ୍ରସ୍ତର ଏବଂ ଧାତୁ ଆଦି ଭୂଗର୍ଭର ଅତ୍ୟଧିକ ଉତ୍ତାପ ଯୋଗୁ ତରଳି ଭୂପୃଷ୍ଠ ଉପରକୁ ପ୍ରବଳ ବେଗରେ ଉଦ୍‌ଗିରଣ ହୋଇ ଶୀତଳ ହେଲେ ମୃତ୍ତିକା ସୃଷ୍ଟି ହୁଏ।

ଭୂମିକମ୍ପ ହେଲେ ଜଳବାୟୁର ପରିବର୍ତ୍ତନ ଘଟି ଭୂପୃଷ୍ଠ ଏବଂ ଭୂଗର୍ଭ ମଧ୍ୟରେ ବଡ଼ ବଡ଼ ଫାଟମାନ ସୃଷ୍ଟି ହୋଇ ବୃହତ ଶିଳାଖଣ୍ଡ ଭାଙ୍ଗି ମୃତ୍ତିକା ସୃଷ୍ଟି ହୁଏ। ସମୟେ ସମୟେ ସମୁଦ୍ର ଗର୍ଭରେ ଭୂକମ୍ପ ହେଲେ ସୁନାମି ସୃଷ୍ଟି ହୋଇ ବଡ଼ ବଡ଼ ଢେଉମାନ କୂଳଲଙ୍ଘି ଉଚ୍ଚ ବାଲୁକାରାଶି ସ୍ତର ସୃଷ୍ଟି ହୁଏ।

ବାୟୁମଣ୍ଡଳରେ ନାଇଟ୍ରସ ଅକ୍‌ସାଇଡ, ସଲଫର ଡାଇଅକ୍‌ସାଇଡ, ହାଇଡ୍ରୋଜେନ ସଲଫାଇଡ, କାର୍ବନ ଡାଇଅକ୍‌ସାଇଡ ଆଦି ଅମ୍ଳଧର୍ମୀ ଗ୍ୟାସ ଜଳୀୟବାଷ୍ପ ଏବଂ ସ୍ୱଳ୍ପ ବର୍ଷା ସଂସ୍ପର୍ଶରେ ଆସି, ନାଇଟ୍ରିକ ଅମ୍ଳ, ସଲଫ୍ୟୁରିକ ଅମ୍ଳ, କାର୍ବୋନିକ ଅମ୍ଳ ଆଦି ସୃଷ୍ଟି ହୁଏ। ଏହିସବୁ ଅମ୍ଳ ପ୍ରସ୍ତର ସଂସ୍ପର୍ଶରେ ଆସିଲେ ରାସାୟନିକ ପ୍ରତିକ୍ରିୟା ଘଟି ପଥରଖଣ୍ଡମାନ ଭାଙ୍ଗି ମୃତ୍ତିକା ସୃଷ୍ଟି ହୁଏ।

ଭୂପୃଷ୍ଠସ୍ଥ ଆମେ ମନୁଷ୍ୟ ଏବଂ ଅନ୍ୟାନ୍ୟ ପ୍ରାଣୀ ତଥା ଉଦ୍ଭିଦ ଆଦି ଜୀବଜଗତ ମୃତ୍ତିକା ଏବଂ ପୃଥିବୀର ଜଳବାୟୁ ସହିତ ଓତପ୍ରୋତ ଭାବେ ଜଡିତ। ଯେହେତୁ ମୃତ୍ତିକା ଏକ ଅମୂଲ୍ୟ ସମ୍ପଦ, ତେଣୁ ଆମେ ଜଳବାୟୁ ପରିବର୍ତ୍ତନ ସହିତ ଖାପଖୁଆଇ ଉକ୍ତ ମୂଲ୍ୟବାନ ସମ୍ପତ୍ତିକୁ ସୁଚାରୁ ରୂପେ ପରିଚାଳନା କରି ଏହାର ସୃଷ୍ଟି ଏବଂ ସଂରକ୍ଷଣ ପ୍ରତି ଦୃଷ୍ଟି ଦେବା ଜରୁରୀ।

**– ଶୈଳଶ୍ରୀ ବିହାର, ଭୁବନେଶ୍ୱର, ମୋ:୯୫୫୬୨୬୭୦୮୫**

## ଏ ବର୍ଷର ବାର୍ତ୍ତା

### ମୃତ୍ତିକା କ୍ଷୟ ରୋକ, ଭବିଷ୍ୟତ ରକ୍ଷା କର

ଚଳିତ ବିଶ୍ୱ ମୃତ୍ତିକା ଦିବସ ଲାଗି ବାର୍ତ୍ତା ରହିଛି 'ମୃତ୍ତିକା କ୍ଷୟ ରୋକ, ଭବିଷ୍ୟତ ରକ୍ଷା କର'।

ଏହି ଦିବସରେ ମାଟିର ବିବିଧ ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥାଏ। ମାଟିର ରକ୍ଷଣାବେକ୍ଷଣ ଉପରେ ବି ଗୁରୁତ୍ୱ ପ୍ରଦାନ କରାଯାଏ ଓ ଏଥିପାଇଁ ଉପଯୁକ୍ତ ନୀତିନିର୍ଦ୍ଧାରଣ କରିବା ଉପରେ ଚିନ୍ତା କରାଯାଇଥାଏ। ଉପଯୁକ୍ତ ମୃତ୍ତିକା ପରିଚାଳନା ମାଧ୍ୟମରେ ମାଟିର ସ୍ୱାସ୍ଥ୍ୟ ବଜାୟ ରଖିବା ଓ ସଂରକ୍ଷଣର ଆବଶ୍ୟକତା ଉପରେ ସମସ୍ତଙ୍କୁ ଅବଗତ କରାଯାଏ।

# ସୁସ୍ଥ ଜୀବନର ଆଧାର ସୁସ୍ଥ ମାଟି

ମାଟି ପବିତ୍ର, ପଞ୍ଚଭୂତର ଅଂଶ। ପୁଣି ଏହି ମାଟି ପ୍ରକୃତିର ଅମୂଲ୍ୟ ସମ୍ପଦ। ଏହା ଫସଲକୁ ଖାଦ୍ୟ ସାର ଯୋଗାଏ। ଫସଲ ମାଧ୍ୟମରେ ଆମେ ଜୀବନ ବଞ୍ଚାଉ। ପରୋକ୍ଷରେ ମାଟି ହିଁ ଆମ ଜୀବନଦାତା। ସୁସ୍ଥ ଜୀବନ ଲାଗି ସୁସ୍ଥ ମାଟି ଆବଶ୍ୟକ। ଏହାକୁ ଆଧାର କରି ପ୍ରତିବର୍ଷ ୫ ଡିସେମ୍ବରରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ମିଳିତ ଜାତିସଂଘ ପକ୍ଷରୁ ୨୦୧୫ରୁ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ନେଇ ୫ ଡିସେମ୍ବରରେ ଏହି ଦିବସ ପାଳିତ ହୋଇ ଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ମୃତ୍ତିକା କ୍ଷୟ ରୋକ,ଭବିଷ୍ୟତ ରକ୍ଷା କର'।

ମାଟିର ଦାୟିତ୍ୱ ମା'ଠାରୁ ଅଧିକ କହିଲେ ଅତ୍ୟୁକ୍ତି ହେବ ନାହିଁ। ମାଟି ଆମକୁ ଖାଇବାକୁ ଖାଦ୍ୟ, ପିନ୍ଧିବା ଲାଗି ବସ୍ତ୍ର, ପିଇବା ପାଇଁ ପାଣି, ରୋଗ ସକାଶେ ଔଷଧ ଆଦି



ଯୋଗାଉଛି। ଦେଖିବାକୁ ଗଲେ ମାନବ ଜାତିର ସମସ୍ତ ସଭ୍ୟତା, ସାମାଜିକ ବ୍ୟବସ୍ଥା, ଅର୍ଥନୈତିକ ଉନ୍ନତି ସବୁ ମାଟି ଉପରେ ହିଁ ନିର୍ଭର କରେ। ଏଣୁ ମା'ଠାରୁ ମାଟି ବଡ। ତେବେ ଏବେ ମାଟି ଯେଉଁ ପରିମାଣରେ କ୍ଷୟ ହୋଇ ଚାଲିଛି ତାହାହିଁ ଚିନ୍ତାର କାରଣ ସାଜିଲାଣି। ପୃଥିବୀ ପୃଷ୍ଠରେ ଏକ ଇଞ୍ଚ ମାଟି ଗଠନ ହେବା ପାଇଁ ୧ହଜାରରୁ ଦେଢ ହଜାର ବର୍ଷ ଲାଗିଥାଏ। କିନ୍ତୁ ଏହି ପରିମାଣର ମାଟି କ୍ଷୟ ହେବାକୁ ଲାଗେ ମାତ୍ର ୫ ମିନିଟ। ମାଟି କ୍ଷୟ ଉଭୟ ପ୍ରାକୃତିକ ଓ ମାନବକୃତ। ଜଳବାୟୁ ପରିବର୍ତ୍ତନ ହେବା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଯଥା ଅଧିକ ବର୍ଷା ଓ ବନ୍ୟା ବାତ୍ୟା ଯୋଗୁ ମାଟି କ୍ଷୟ ହେଉଛି। କିନ୍ତୁ ମାନବକୃତ ମାଟି କ୍ଷୟ ପ୍ରାକୃତିକ ମାଟି କ୍ଷୟଠାରୁ ଅଧିକ। ଏହାର କାରଣ ମଣିଷ ତା'ର ସବୁ କାର୍ଯ୍ୟରେ ମାଟି ସହ ଜଡିତ ରହିଥାଏ। ଭୁଲ ପଦ୍ଧତିରେ କୃଷି ମାଟି କ୍ଷୟର ଆଉ ଏକ ବଡ କାରଣ। ଫସଲ ଅମଳ ପରେ ଯଦି ମୂଳ ନ ଉପାଡି କି ନପୋଡି ଛାଡି ଦିଆଯାଏ ତେବେ ମାଟି କ୍ଷୟ କମିଯିବ। କିନ୍ତୁ ଏବେ ଯେଭଳି ଧାନ କଟାପରେ ନଡାକୁ ପୋଡିଦିଆଯାଉଛି ତାହା ମାଟି କ୍ଷୟ ବୃଦ୍ଧି ସହ ପରିବେଶ ପ୍ରଦୂଷଣ କରୁଛି। ଏଥିରୁ ଚାଷୀଭାଇମାନେ କ୍ଷାନ୍ତ ହେବା ଜରୁରୀ। ହଳ କରିବା ପରେ କ୍ଷେତରେ ମାଟିକୁ ଖୋଲା ଛାଡି ଦେଲେ ମୃତ୍ତିକା କ୍ଷୟ ଅଧିକ ହୋଇଥାଏ। ଏଣୁ କୃଷକମାନେ ଏହା ଉପରେ ଅଧିକ ଧ୍ୟାନ ଦେଲେ ମୃତ୍ତିକା କ୍ଷୟ ଅନେକାଂଶରେ ରୋକାଯାଇପାରିବ। କୋଠା, ପୋଲ ନିର୍ମାଣ ଠାରୁ ଆରମ୍ଭ କରି ରାସ୍ତାନିର୍ମାଣରେ ମାଟି କ୍ଷୟ ହେଉଛି। ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ଏକ୍ଷେତ୍ରରେ ମୃତ୍ତିକା କ୍ଷୟ ରୋକାଯାଇପାରିବ। ଖଣି ଖନନରେ ଯେପରି ମାଟି କ୍ଷୟ ନହୁଏ ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ଯେମିତି ମାଟି ସେମିତି ଫସଲ। ମାଟି ସୁସ୍ଥ ରହିଲେ ଭଲ ଫସଲ ହୁଏ। କିନ୍ତୁ ମାଟିରେ ଅତ୍ୟଧିକ କୀଟନାଶକ ଓ ରାସାୟନିକ ସାର ବ୍ୟବହାର କରିବା ଦ୍ୱାରା ମାଟି ପ୍ରଦୂଷିତ ହେଉଛି। ଏହାକୁ ରୋକିବା ଲାଗି ଚାଷ ପୂର୍ବରୁ ମାଟି ପରୀକ୍ଷା କରାଇବା ଆବଶ୍ୟକ। ଏଥିଲାଗି କୃଷି ବିଭାଗ ତରଫରୁ ମାଟି ପରୀକ୍ଷା କରିବା ପାଇଁ କେନ୍ଦ୍ର ଖୋଲାଯାଇଛି। ମାଟି ପରୀକ୍ଷା କରି ଫସଲ କଲେ ଅଧିକ ଅମଳ ହୋଇଥାଏ। ଫସଲ ବୃଦ୍ଧି ନିମନ୍ତେ ଆବଶ୍ୟକ ୧୮ଟି ଉପାଦାନ ମଧ୍ୟରୁ ଗୋଟିଏର ଅଭାବ ହେଲେ ଫସଲରୁ ଆଶନୁରୂପ ଅମଳ ହୋଇପାରେନାହିଁ। ଦୁଇ ତିନି ବର୍ଷରେ ଥରେ ମାଟି ପରୀକ୍ଷା କରିବା ଉଚିତ। ମାଟି ପରୀକ୍ଷାର ଫଳାଫଳ ଅନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଫସଲ ଚାଷ ପାଇଁ ଖତସାର,ଜୈବସାର ଓ ମୃତ୍ତିକା ସୁଧାରକ ସମ୍ପନ୍ଧରେ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥଏ। ଏଣୁ ମାଟି ପରୀକ୍ଷା କରାଇବା ଆବଶ୍ୟକ। ବିଷାକ୍ତ ରାସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମାନବକୃତ ମାଟି ଅବକ୍ଷୟକୁ ରୋକିବା ଲାଗି ସମସ୍ତେ ସଚେତନ ହେବା ଜରୁରୀ। ଗତ ଶତାବ୍ଦୀର ଷାଠିଏ ଦଶକରେ ସବୁଜ ବିପ୍ଳବରେ ମାଟି ଉପରେ ପଡିଥିବା କୁପ୍ରଭାବରୁ ମୁକ୍ତି ପାଇବା ଲାଗି ପୃଥିବୀକୁ ଅନେକ ବର୍ଷ ଲାଗିଯିବ। ତେବେ ମାଟିରେ ଥିବା ବିଭିନ୍ନ ରୋଗ ସୃଷ୍ଟିକାରୀ ଜୀବାଣୁଙ୍କୁ ଦମନ ଲାଗି ରାସାୟନିକ ତଥା ବିଷାକ୍ତ କୀଟନାଶକ ବ୍ୟବହାର ନ କରି ଉପକାରୀ ଅଣୁଜୀବଙ୍କ ସୁରକ୍ଷା ତଥା ବଂଶବୃଦ୍ଧି ଲାଗି ଜୈବିକ ଉପାୟ ଅବଲମ୍ବନ କରିବାକୁ ପଡ଼ିବ। ଏଭଳି ଉପାୟ ଅବଲମ୍ବନ କଲେ ଅପକାରୀ ଜୀବାଣୁନଷ୍ଟ କରିବାର ରାସ୍ତା ଆଉ ଖୋଜିବାକୁ ପଡିବନି। କୃଷକମାନେ ନିଶ୍ଚିତ ଭାବେ ରୋଗପୋକ ନାଶକ ତଥା ରାସାୟନିକ ସାର ଆଡୁ ମୁହଁ ଫେରାଇନିଅନ୍ତେ। ଏହାଦ୍ୱାରା ହିଁ ମାଟିର ସ୍ୱାସ୍ଥ୍ୟ ସୁସ୍ଥ ରହିପାରନ୍ତା।




# ମାଟିର ସୁରକ୍ଷା ଲାଗି ଜୈବିକ ଚାଷ



ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ

ବୃକ୍ଷ ପାଇଁ ମାଟିରଭୂମିକା ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ମାଟିରୁ ଉତ୍ପନ୍ନ ଫସଲ ମଣିଷ ଓ ପ୍ରାଣୀ ମାନଙ୍କୁ ଆହାର ଯୋଗାଇ ଥାଏ। ମାଟିର ସ୍ୱାସ୍ଥ୍ୟ ନଷ୍ଟ ହେଲେ ଫସଲର ଉତ୍ପାଦନ କମିବା ସହ ଉତ୍ପାଦନର ମାନ ମଧ୍ୟ ହ୍ରାସ ପାଇଥାଏ। ମାଟିର ସ୍ୱାସ୍ଥ୍ୟ ସଂପର୍କରେ ଅବଗତ ହୋଇ ପରିଚାଳନା କରିବା ଚାଷୀ ମାନଙ୍କ ପାଇଁ ନିହାତି ଆବଶ୍ୟକ। ମାଟିର ସ୍ୱାସ୍ଥ୍ୟ ନିମନ୍ତେ ବିଶ୍ୱବାସୀଙ୍କ ମନରେ ସଚେତନତା ସୃଷ୍ଟି ଲାଗି ଜାତିସଂଘ (ବିଶ୍ୱ ଖାଦ୍ୟ ଓ କୃଷି ଅନୁଷ୍ଠାନ ) ୨୦୧୫ ମସିହାରୁ ଡିସେମ୍ବର ୫କୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରି ଆସୁଅଛି। ସାରାବିଶ୍ୱରେ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ତଥା କୃଷିସହିତ ଜଡିତ ଅନୁଷ୍ଠାନ ଗୁଡିକ ତତ୍ପର ହୋଇଛନ୍ତି ମାଟି ମାଆର ସୁରକ୍ଷା ପାଇଁ। ଆଜିକାଲି ଅଧିକରୁ ଅଧିକ ଉତ୍ପାଦନ ପାଇଁ ପ୍ରଚୁର ପରିମାଣର ରାସାୟନିକ ସାର ବ୍ୟବହାର କରାଯାଉଛି। ଫଳରେ ଅଧିକ ଅମଳ ତ ମିଳୁଛି କିନ୍ତୁ ଅପର ପକ୍ଷରେ ହରାଇ ବସୁଛେ ମା'– ମାଟିର ସ୍ୱାସ୍ଥ୍ୟ। ତେଣୁ ମାଟିର ସ୍ୱାସ୍ଥ୍ୟରକ୍ଷା ଆମ ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ। ସେଥିପାଇଁ ସମସ୍ତ ଚାଷୀ ସଚେତନ ହେବା ଆବଶ୍ୟକ। ମୃତ୍ତିକା ପରୀକ୍ଷା କରି ସାର ପ୍ରୟୋଗ କରିବା ଜରୁରୀ,ରାସାୟନିକ ସାର ସହିତ ଜୈବିକ ସାରର ବ୍ୟବହାର ନିହାତି ଦରକାର। ଜଙ୍ଗଲ ନ କାଟି ତା'ର ସୁରକ୍ଷା କିମ୍ବା ନୂତନ ଗଛ ଲଗାଇବା ଆବଶ୍ୟକ। ଘରେ ଘରେ ପ୍ରାଣୀପାଳନ ସହ ମାଟିର ସ୍ୱଚ୍ଛତା ରକ୍ଷରେ ଯତ୍ନବାନ ହେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ ମିଶନ ଶକ୍ତି, ଓଡିଶାର ଅନୁଦାନରେ ସୁନ୍ଦରଗଡ ଜିଲାର ୨୫୦ଜଣ ମହିଳାଙ୍କୁ ଜିଆଖତ ଚାଷ ସମ୍ପର୍କରେ ୮ଦିନିଆ ଦକ୍ଷତାବିକାଶ ତାଲିମ ପ୍ରଦାନ କରିଆସୁଅଛି। ପରମ୍ପରାଗତ କୃଷିବିକାଶ ଯୋଜନା ମାଧ୍ୟମରେ ୧୦ ହେକ୍ଟର ଜମିରେ ସଂପୂର୍ଣ୍ଣ ରୂପେ ଜୈବିକ ଉପାୟରେ ଚାଷ ଲାଗି ସଚେତନ କରାଯାଉଛି। ଏହା ସହିତ ଏହି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ମାଟିର ନମୁନା ସଂଗ୍ରହ, ମୃତ୍ତିକା ପରୀକ୍ଷା ଓ ମୃତ୍ତିକାର ସୁରକ୍ଷା ଉପରେ ଜିଲାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଜାରି ରହିଛି।

***–ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ, କୃଷିବିଜ୍ଞାନ କେନ୍ଦ୍ର, କିରେଇ, ସୁନ୍ଦରଗଡ଼***

# ମାଟି ପାଇଁ ଆହ୍ୱାନ

ଅଧ ଇଞ୍ଚ ମାଟି ତିଆରି ପାଇଁ ପୃଥିବୀକୁ ଶହ ଶହ ବର୍ଷ ଲାଗୁଥିବା ବେଳେ ମାଟିର ସୁରକ୍ଷା ଆଜି ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଜମିରେ ଅତ୍ୟଧିକ ରାସାୟନିକ ସାରର ପ୍ରୟୋଗ ଫଳରେ ମୃତ୍ତିକାର ରୋଗ ପ୍ରତିରୋଧକ ଶକ୍ତି କମୁଛି। ମାଟିର ଉର୍ବରତା ତଥା ସୁରକ୍ଷା ଦିଗରେ ଚାଷୀମାନେ ସଚେତନ ହେବା ଆବଶ୍ୟକ। ମୃତ୍ତିକାକୁ ନେଇ ଏବେ କୃଷି ଓ ଜଳବାୟୁ ବିଶେଷଜ୍ଞମାନଙ୍କ ମଧ୍ୟରେ ଏଭଳି ମତ ପ୍ରକାଶ ପାଇଛି। ଭାରତୀୟ ଜଳବାୟୁ କଂଗ୍ରେସର ସଭାପତି ପ୍ରଫେସର ଡ. ସଞ୍ଜୟ କୁମାର ସାମନ୍ତରାୟ କୁହନ୍ତି, 'ପଞ୍ଚ ମହାଭୂତରେ ମାଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାଟିର ଉପର ଅଂଶ (୯ ଇଞ୍ଚରୁ ୧ ଫୁଟ) ପର୍ଯ୍ୟନ୍ତ ଉର୍ବର। ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କାରଣରୁ ଉପରମାଟି ଧୋଇ ହୋଇଯାଉଛି। ଫଳରେ ମାଟିର ଉର୍ବରତା କମୁଛି ଏବଂ ଉତ୍ପାଦନ ମଧ୍ୟ ପ୍ରଭାବିତ ହେଉଛି। ଜମିର ହୁଡ଼ାକୁ ୧ରୁ ଦେଢ ଫୁଟ ପର୍ଯ୍ୟନ୍ତ ଉଚ୍ଚା ରଖିବା ଆବଶ୍ୟକ। ଯଦ୍ୱାରା ମାଟି ଧୋଇହେବାରୁ ରକ୍ଷା ପାଇପାରିବ'। ଜଳଛାୟା ମିଶନର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀଙ୍କ ମତରେ ଓଡ଼ିଶାର ମାଟି ସାଧାରଣତଃ ଅମ୍ଳୀୟ ହୋଇଥିବାରୁ ପ୍ରଥମେ ମାଟିର ଭୌତିକ ଗୁଣ ପରୀକ୍ଷା ଓ ଅମ୍ଳ ମାଟି ପରିଚାଳନା ପାଇଁ ଚାଷୀମାନେ ସଚେତନ ହେବାର ଆବଶ୍ୟକତା ରହିଛି। ପରିବେଶବିତ୍ ଖୋକନ ବେହେରାଙ୍କ କହିବାନୁଯାୟୀ, ଉଦ୍ଭିଦ ବଞ୍ଚିବା ଓ ଜୀବନ ଧାରଣ ପାଇଁ ଆବଶ୍ୟକ କେତେକ ଉପାଦାନ ମୃତ୍ତିକାରୁ ହିଁ ସଂଗ୍ରହ କରିଥାଏ। ଏହି ଖାଦ୍ୟ ଉପାଦାନ ବିଶେଷତଃ ମୁଖ୍ୟ, ଗୌଣ ଏବଂ ଅତିଗୌଣ ଭାଗରେ ବିଭକ୍ତ। ଏହି ଉପାଦାନ ମୃତ୍ତିକାରେ କେତେ ପରିମାଣରେ ରହିଛି, ତାହା ମୃତ୍ତିକା ପରୀକ୍ଷା ଦ୍ୱାରା ହିଁ ଜଣାପଡ଼ିଥାଏ। ତଦନୁଯାୟୀ ରାସାୟନିକ ସାର, ଅଣୁସାର, ଜୈବସାର, ଖତ ଓ ସବୁଜ ସାର ମୃତ୍ତିକାରେ ଉପଯୁକ୍ତ ପରିମାଣର ପ୍ରୟୋଗ କରାଯିବା ଦରକାର। ଏହାଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ ଉତ୍ତମ ରହିବା ସହିତ ଫସଲ ଉତ୍ପାଦନରେ ସହାୟକ ହୋଇଥାଏ। ପୂର୍ବତନ କୃଷି ଉପନିର୍ଦ୍ଦେଶକ ଶରତ ସାହୁଙ୍କ କହିବାନୁଯାୟୀ, 'ଜୈବିକ ଖତ ପ୍ରୟୋଗ ଦ୍ୱାରା ମୃତ୍ତିକା ନିଜର ଉର୍ବରତା ବଜାୟ ରଖିପାରିବ। ମାତ୍ର ରାସାୟନିକ ସାରର ଅତ୍ୟଧିକ ଏବଂ ଅବିଚାରିତ ପ୍ରୟୋଗ ଫଳରେ ଜମିରେ ଅମ୍ଳତା ବୃଦ୍ଧି ଘଟିଥାଏ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟିରେ ଥିବା ବିଭିନ୍ନ ଉପାଦାନ ତଥା ଅଣୁସାର କ୍ଷତିଗ୍ରସ୍ତ ହେଉଛି। ଏଥିଲାଗି ପ୍ରତି ୩ବର୍ଷରେ ଥରେ ମାଟି ପରୀକ୍ଷା କରାଯିବା ଜରୁରୀ। ଜିଆ ଖତ ଉପରେ ଗୁରୁତ୍ୱ ଦେବା ସହିତ ଧଣିଚା ଚାଷ କରି ତା'ର ପତ୍ରକୁ ମାଟିରେ ମିଶାଇଲେ ସେଥିରୁ ସବୁଜ ସାର ମାଟି ଗ୍ରହଣ କରିଥାଏ'। କୃଷି ବିଭାଗର ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ବିଜୟ ସ୍ୱାଇଁ କହିଛନ୍ତି, 'ମାଟିର ଉର୍ବରତା ଦିନକୁ ଦିନ କମୁଥିବାରୁ ମାଟିର ଉର୍ବରତା ରକ୍ଷା ଲାଗି ଗୋବର ଖତ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ'।

**ରିପୋର୍ଟ: ନିର୍ମଳ ପଣ୍ଡା, କଟକ ଅଫିସ**


**ବିଶ୍ୱ ମୃତ୍ତିକା ଦିବସ**

**କୃଷକଙ୍କ ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉପାଦେୟତା**

୧. ମାଟିର ଉର୍ବରତାର ସଠିକ୍ ନିରୁପଣ, ୨. ମାଟିର ସଠିକ୍ କିସମ ଓ ଗୁଣ ନିର୍ଦ୍ଧାରଣ, ୩. ସମସ୍ୟା ବହୁଳ ମାଟିର ସଂଶୋଧନ, ୪. ମୃତ୍ତିକାର ଗୁଣାତ୍ମକ ମାନ ଓ ଉର୍ବରତା ରକ୍ଷା, ୫. ଫସଲରେ ଅନୁମୋଦିତ ସାରର ପ୍ରୟୋଗ, ୬. ଚାଷରେ ଖର୍ଚ୍ଚ କମ୍, ୭. ଅମଳ ବୃଦ୍ଧି ସହିତ କୃଷକର ଆୟ ବୃଦ୍ଧି। ସେଥିପାଇଁ ମାଟି ପରୀକ୍ଷା କରିବା ପାଇଁ ସମସ୍ତ ଚାଷୀଭାଇଙ୍କୁ ଅନୁରୋଧ।

**"ମାଟି ଯେବେ ସୁସ୍ଥ ଫସଲ ବି ସୁସ୍ଥ, ଲାଭ ପାଇଁ ଭାଇ ନ ହୁଅ ବ୍ୟସ୍ତ"**

**ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଢେଙ୍କାନାଳ**

**ବିଶ୍ୱ ମୃତ୍ତିକା ଦିବସ**

**ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ – ୧, କିରେଇ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।**

ମାଟି ମା'ର ସୁରକ୍ଷା ଓ ପୋଷଣର ରକ୍ଷଣାବେକ୍ଷଣ ସର୍ବୋପରି ତାର ସାର୍ବଭୌମତ୍ୱ ରକ୍ଷା ଦିଗରେ ଏହି ଦିବସ ପାଳନର ଗୁରୁତ୍ୱ ଓ ଅନୁଚିନ୍ତାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼, କିରେଇ ଚାଷୀ ଭାଇ ଭଉଣୀମାନଙ୍କୁ ଅନୁମୋଦିତ ସାର ପ୍ରୟୋଗ ବିଧି ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ର ବିବରଣୀ ପ୍ରଦାନ କରୁଅଛି। ମୃତ୍ତିକା ପରୀକ୍ଷଣର ଗୁରୁତ୍ୱ ଓ ତଦ୍‌ନୁଯାୟୀ ଫସଲ ଚୟନର ପ୍ରଣାଳୀକୁ ଆଦୃତ କରାଇବା ପାଇଁ ଏହି ଦିବସ ତା ୫ ଡିସେମ୍ବର ୨୦୧୯ରିଖ ଦିନ ପାଳିତ ହେଉଛି।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି**

ଅନ୍ତର୍ଜାତୀୟ କୃଷି ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ମାଲକାନଗିରି ଜିଲ୍ଲାର ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ। ସବୁବର୍ଷ ଭଳି ଏହି ବର୍ଷ ଆସନ୍ତା ୦୫।୧୨।୨୦୧୯ ତାରିଖ ଦିନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ମାଲକାନଗିରି କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତ୍ତିକା ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହେବାକୁ ଯାଉଛି। ସଂଯୁକ୍ତ ରାଷ୍ଟ୍ର ଏହାର ୬୮ତମ ସଭାରେ ଡିସେମ୍ବର ୫କୁ ବିଶ୍ୱ ମୃତ୍ତିକା ଦିବସ ରୂପେ ଘୋଷଣା କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ମୃତ୍ତିକାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ସହିତ ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟ ସୁରକ୍ଷା, କୃଷି, ପାଣିପାଗ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ ଓ ସମାଧାନ କରିବାର ଉଦ୍ଦେଶ୍ୟ ଭାରତ ସରକାର ମଧ୍ୟ ଏହି ଦିବସର ଗୁରୁତ୍ୱ ଉପଲବ୍ଧ କରି, ୧୯ ଫେବୃଆରୀ ୨୦୧୫ ମସିହାରେ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଚାଷୀଙ୍କୁ ଫସଲ ଅନୁସାରେ ଅନୁମୋଦିତ ସାର ପ୍ରୟୋଗ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଏହି ବର୍ଷ ମଧ୍ୟ ଚାଷୀଙ୍କ ଜମିରୁ ସଂଗ୍ରହ କରାଯାଇଥିବା ମାଟିର ପରୀକ୍ଷା କରି ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ବିତରଣ କରାଯିବ। ଏହି ଦିବସରେ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ସମବନ୍ତି ଖାଦ୍ୟସାର ପରିଚାଳନା, ମୃତ୍ତିକା ପରୀକ୍ଷା ଉପରେ ଗୁରୁତ୍ୱରୋପ କରାଯାଉଛି। ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାର ୭୦୫୪୦ଜଣ ଚାଷୀ ଉପକୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲାର ସାତଟି ବ୍ଲକର କୃଷକମାନଙ୍କଠାରୁ ସଂଗ୍ରହ କରାଯାଇଥିବା ମୃତ୍ତିକା ପରୀକ୍ଷାର ବିବରଣୀ ଏବଂ ମୃତ୍ତିକା କାର୍ଡ଼ ଏହି କାର୍ଯ୍ୟକ୍ରମରେ ପ୍ରଦାନ କରାଯିବା କୃଷକ ଏବଂ କୃଷିର ଉନ୍ନତି ନିମନ୍ତେ ଜ୍ଞାନକୌଶଳ ଶିକ୍ଷା ଗ୍ରହଣ କରିବା ପାଇଁ ଆପଣମାନଙ୍କ ଉପସ୍ଥିତି ଏକାନ୍ତ କାମ୍ୟ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ମାଲକାନଗିରି**

**ବିଶ୍ୱ ମୃତ୍ତିକା ଦିବସ**

ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଅନୁଗୋଳ ଜିଲ୍ଲାପରିଷଦ କକ୍ଷଠାରେ ୫ ଡିସେମ୍ବର ୨୦୧୯ ଦିନ ପାଳନ କରାଯିବ। କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା କୃଷି ବିଭାଗର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମରେ ୨୦୦ ଚାଷୀଙ୍କୁ ମାଟିର ସ୍ୱାସ୍ଥ୍ୟ ପରିଚାଳନା ଉପରେ ସଚେତନତା ସୃଷ୍ଟି କରାଯିବ।

ବିଷୟ: **'ମୃତ୍ତିକା କ୍ଷୟ ବନ୍ଦ କରିବା, ଆମ ଭବିଷ୍ୟତକୁ ସୁରକ୍ଷିତ କରିବା।'**

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

**ବିଶ୍ୱ ମୃତ୍ତିକା ଦିବସ**

କେନ୍ଦୁଝର ଜିଲ୍ଲାରେ ୧୨ଗୋଟି ବ୍ଲକରେ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ତା୦୫।୧୨।୨୦୧୯ରେ ପାଳନ ହେବାକୁ ଯାଉଛି ଏବଂ କେନ୍ଦୁଝର ବ୍ଲକର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ମୃତ୍ତିକା ଦିବସ ପାଳନ କରାଯିବ। ଏହି ବିଶ୍ୱ ମୃତ୍ତିକା ଦିବସରେ ପ୍ରତି ବ୍ଲକରେ ୧୦୦ଜଣ ଚାଷୀ ଓ ସଦର ବ୍ଲକର ୧୫୦ଜଣ ଚାଷୀଙ୍କୁ ଡକାଯାଇ ମୃତ୍ତିକାର ସ୍ୱାସ୍ଥ୍ୟ, ମୃତ୍ତିକା କ୍ଷୟ ବନ୍ଦ କରିବା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ବିଷୟରେ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ପ୍ରତି ବ୍ଲକର ୧୦୦ଜଣ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମାନ୍ୟବର ମନ୍ତ୍ରୀ ମହୋଦୟ, ମାନ୍ୟବର ବିଧାୟକ/ବିଧାୟିକା ମହୋଦୟ ଜିଲ୍ଲା ପରିଷଦ ଅଧକ୍ଷା/ଉପାଧକ୍ଷ ମହୋଦୟ ଓ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନଙ୍କୁ ମଧ ଯୋଗଦେବା ପାଇଁ ଜଣାଯାଇଅଛି। କୃଷି ଓ ଆନୁସଙ୍ଗିକ ବିଭାଗର ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ମଧ ଏହି କାର୍ଯ୍ୟ କ୍ରମରେ ଯୋଗଦେବେ। ମାନ୍ୟବର ଜିଲ୍ଲାପାଳ ମହୋଦୟ ମଧ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ତେଣୁ ଏହି ଦିବସରେ ସମସ୍ତେ ଶପଥ ନେବା ଯେପରି ଆମର ମାଟି ମା'ର ସୁରକ୍ଷାନେବା ଏବଂ ମୃତ୍ତିକା ପରୀକ୍ଷାକରି ଖାଦ୍ୟସାର ପରିଚାଳନା କରି ମାଟିର ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ ଆମର ଭବିଷ୍ୟତକୁ ନିରାପଦ ରଖିବା।

**Theme for World Soil Day - 2019 : "Stop Soil Erosion & Save Our Future"**

**CDAO, Keonjhar**

**କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି**

ବିଶ୍ୱ ମୃତିକା ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ମାଲକାନଗିରି ଜିଲ୍ଲାରେ ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଧରିତ୍ରୀ ମାତା କୋଳରେ ଆମେ ଜୀବ ଜଗତ ଓ ପ୍ରାଣୀ ଜଗତ ବଂଚି ରହିଛୁ। ମୃତିକା ବିନା ଜୀବଜଗତ ଓ ପ୍ରାଣୀଜଗତ ବଂଚିବା ଅସମ୍ଭବ । ମୃତିକା ଖାଦ୍ୟ ଉତ୍ପାଦନରେ ପ୍ରମୁଖ ଭୂମିକା ତୁଲାଇଥାଏ। ତେଣୁ ଆମେ ମାଟିକୁ ମା ବୋଲି କହୁ । ଏହି ମାଟି ମାଁର ସ୍ୱାସ୍ଥ୍ୟ ଖରାପ ହେଲେ ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ପ୍ରତ୍ୟେକ କୃଷି ଭାଇ ଭଉଣୀ ମାନେ ଯେକୌଣସି ଚାଷ କରିବା ପୂର୍ବରୁ ନିଜ ନିଜର ଜମିର ମାଟି ଏହି କେନ୍ଦ୍ରରେ ମାଗଣାରେ ପରୀକ୍ଷା କରି ନିଅନ୍ତୁ। ଆମର ଉଦ୍ଦେଶ୍ୟ କୃଷକ ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିବା, କୃଷି ଉତ୍ପାଦନକୁ ବୃଦ୍ଧି କରିବା, ଚାଷୀଙ୍କ ଆର୍ଥିକ ଉନ୍ନତି ବୃଦ୍ଧି କରିବା । ସୁସ୍ଥ ମୃର୍ତିକା ଏହା ହିଁ ଆମକୁ ପ୍ରେରଣା ଯୋଗାଇବ ।

**ବିଶ୍ୱ ମୃତ୍ତିକା ଦିବସ**

ଆଜି ତା୦୫।୧୨।୨୦୧୯ରିଖରେ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳିତ ହେଉଅଛି। ମୃତ୍ତିକା ହେଉଛି ସର୍ବପ୍ରକାର ଜୀବଜଗତର ଆଧାର। ତେଣୁ ଏହି ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ଆସ ଆମ୍ଭେ ସମସ୍ତେ ମୃତ୍ତିକାର ସୁପରିଚାଳନା କରି କୃଷି ଉତ୍ପାଦନ ଚିରନ୍ତନ କରିବା।

**ଆଞ୍ଚଳିକ ଗବେଷଣା ଓ ବୈଷୟିକ ସମ୍ପ୍ରସାରଣ ଉପକେନ୍ଦ୍ର ତଥା ଗ୍ରାମୀଣ କୃଷି ମୌସମ ସେବା, କିରେଇ, ସୁନ୍ଦରଗଡ଼**

## ସଂକ୍ଷେପରେ

### ପକେଟରେ ଫାଟିଲା ମୋବାଇଲ: ଯୁବକ ଗୁରୁତର

**କେନ୍ଦ୍ରାପଡା ଅଫିସ, ୪।୧୨:** ପ୍ୟାଣ୍ଟ ପକେଟରେ ଥିବା ମୋବାଇଲ ଫୋନ ହଠାତ୍ ଫାଟିଯିବାରୁ ଇନ୍ଦ୍ରମଣି ସେଠୀ ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ଘର କେନ୍ଦ୍ରାପଡା ଜିଲା ଆଳି ବ୍ଲକ ମହାଦେଇପୁର ଗ୍ରାମରେ। ପ୍ରକାଶ ଯେ, ଇନ୍ଦ୍ରମଣି କୌଣସି କାମରେ କେନ୍ଦ୍ରାପଡା ଆସିଥିଲେ। କାମ ଶେଷ କରିବା ପରେ ବୁଧବାର ଅପରାହ୍ନ ୨ଟାରେ ସେ ସହରରୁ ନିଜ ଘରକୁ ବାଇକ୍‌ରେ ଫେରୁଥିଲେ। ତେବେ ସହରର ଗରାପୁରସ୍ଥିତ ଭିଜିଲାନ୍ସ ଅଫିସ ନିକଟରେ ତାଙ୍କ ପକେଟରେ ଥିବା ମୋବାଇଲ କୌଣସି କାରଣରୁ ହଠାତ୍ ଫାଟି ଯାଇଥିଲା। ଫଳରେ ସେ ଗାଡି ସହ ତଳେ ପଡି ଯାଇଥିଲେ। ମୋବାଇଲ ଫାଟିଯିବାରୁ ତାଙ୍କ ଜଙ୍ଘରେ ଏକ କ୍ଷତ ସୃଷ୍ଟି ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ଚିକିତ୍ସିତ ହୋଇ ଘରକୁ ଫେରି ଯାଇଛନ୍ତି। ପକେଟରେ ଥିବା ମୋବାଇଲ ଫାଟିବା ସମ୍ପର୍କରେ ସ୍ଥାନୀୟ ମେକାନିକ୍ ପ୍ରଭାକର ସାମଲ କୁହନ୍ତି, ସମ୍ଭବତଃ ଏହି ମୋବାଇଲରେ କୌଣସି ଯାନ୍ତ୍ରିକ ତ୍ରୁଟି ଥିଲା। ଏବେ ଯୁବବର୍ଗ ଇଣ୍ଟରନେଟ୍ ସେବାକୁ ସର୍ବଦା ଚାଲୁ ରଖୁଛନ୍ତି। ଏହି ସମୟରେ ଚାଲୁ ରହିଥିବା କୌଣସି ଆପ୍ ଦ୍ୱାରା ମୋବାଇଲ ଗରମ ହୋଇ ଫାଟିଯିବା ସମ୍ଭାବନା ଅଛି।

### ■ଜିଲା ଯୋଜନା କମିଟିର ତ୍ରୟୋଦଶ ବୈଠକ

# ଆବଶ୍ୟକ ଅନୁଯାୟୀ ଯୋଜନା ହେଉ



ଜିଲା ଯୋଜନା କମିଟିର ବୈଠକ।

**ଅନୁଗୋଳ ଅଫିସ, ୪।୧୨**

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ଯୋଜନା କମିଟିର ତ୍ରୟୋଦଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ତଥା ଅନୁଗୋଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନସାଧାରଣଙ୍କ ଆବଶ୍ୟକତା ଓ ଉପଲବ୍ଧ ଭିତ୍ତିଭୂମି ଆଧାରରେ ଯୋଜନାମାନ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ବୈଠକରେ ପରାମର୍ଶ ଦେଇଥିଲେ। ଏଥିସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଅଧ୍ୟକ୍ଷ ପଣ୍ଡା କହିଥିଲେ ଯେ, ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ଉପାଦେୟ ପ୍ରସ୍ତାବକୁ ଦୃଷ୍ଟିରେ ରଖି ଜିଲାରେ କୃଷି, ଜଳସେଚନ ଓ ପାନୀୟ ଜଳ ଉପରେ ଯୋଜନା ପ୍ରସ୍ତୁତ କରାଯାଉ। ଏଥିସହ କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହେଉଛି, ସେ ସମ୍ପର୍କରେ ମଧ୍ୟ ଠିକ୍ ଭାବେ ଖସଡ଼ା ପ୍ରସ୍ତୁତ କରାଯାଉ। ୨୦୧୯-୨୦ ଆର୍ଥିକ ବର୍ଷ ସରିବାକୁ ଆଉ ମାତ୍ର ୩ ମାସ ବାକି ଥିବାରୁ ଜିଲା ଯୋଜନା କମିଟି ଅନୁଯାୟୀ କିପରି ବିଭିନ୍ନ ପ୍ରକଳ୍ପର ଖସଡ଼ା ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯିବ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ କୁମାର ଦେଓ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ ଓ ଜିଲା ପରିଷଦ ଉପାଧ୍ୟକ୍ଷ ଗଙ୍ଗାଧର ଜିତ୍ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ସ୍ୱାଗତ ଜଣାଇବା ସହ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତ ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ବିଭାଗର ପ୍ରକଳ୍ପ ବାବଦରେ ୧୮୨୨ କୋଟି ୪୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଥିରେ ରାଜ୍ୟର ଅଂଶଧନ ୧୫୯୧ କୋଟି ୮୨ ଲକ୍ଷ ଥିବାବେଳେ କେନ୍ଦ୍ରୀୟ ଅଂଶଧନ ୨୩୦ କୋଟି ୬୧ ଲକ୍ଷ ରହିଛି। ସେହିପରି ଲୋକମାନଙ୍କ ହିତରେ ତୃଣମୂଳ ସ୍ତରରେ ଯୋଜନା ପ୍ରସ୍ତୁତ କରିବା, ମୋ ସରକାରରେ ୫-ଟିକୁ ସଫଳତାର ସହ କାର୍ଯ୍ୟକାରୀ କରି ଜିଲାର ବିକାଶ କରିବା, ସମଲ ବ୍ୟାରେଜରୁ ତାଳଚେର ଓ ରେଙ୍ଗାଳି ପ୍ରକଳ୍ପରୁ ଛେଣ୍ଡିପଦାକୁ ଜଳସେଚନ ବ୍ୟବସ୍ଥା କରିବା, ବିଭାଗ ଗୁଡ଼ିକ ନିଜ ନିଜ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବା ଆଦି ଉପରେ ଆଲୋଚନା ହୋଇଥିଲା। ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ରବୀନ୍ଦ୍ରନାଥ ନାୟକ ବୈଠକରେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟା ଓ ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ ଜିଲା ଯୋଜନା କମିଟି ଉପାଧ୍ୟକ୍ଷା ମଞ୍ଜୁଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ରେ ଅନୁଗୋଳ ଏକ୍ସିଲେନ୍ସ ଆୱାର୍ଡ




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୪।୧୨**

ଅନୁଗୋଳ ଡ୍ରିମ୍ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୮ ତାରିଖରେ ବିଜୁ ମଇଦାନ ଠାରେ ଅନୁଗୋଳ ଏକ୍ସିଲେନ୍ସ ଆୱାର୍ଡ ଅନୁଷ୍ଠିତ ହେବ। ସମାଜର ଗରିବ ଓ ଅନଗ୍ରସର ପ୍ରତିଭାମାନଙ୍କୁ ଖୋଜି ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ହେମନ୍ତ ଦାସ ସୂଚନା ଦେଇଛନ୍ତି। ଏହି ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଆ ଫିଲ୍ମ ଜଗତର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ହାସ୍ୟ ଅଭିନେତା ପପୁ ପମ ପମ, ଅଭିନେତ୍ରୀ ତମନ୍ନା, କଣ୍ଠଶିଳ୍ପୀ ଆଶୁତୋଷ, ଆରଡିଏକ୍ସ ଡ୍ୟାନ୍ସ ଗ୍ରୁପ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ମୋଟ୍ ୯ଟି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ମୁଖ୍ୟଅତିଥି ଭାବେ ପଦ୍ମ ବିଭୂଷଣ ପଣ୍ଡିତ ରଘୁନାଥ ମହାପାତ୍ର, ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ଅନ୍ୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏହି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ଦାସଙ୍କ ସହ ଅଧ୍ୟକ୍ଷ ଶୋଭକାନ୍ତ ଦାସ, ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ସୌରୀ ରଞ୍ଜନ ପଣ୍ଡା, ଫାଉଣ୍ଡର ମେମ୍ବର ଜୟନ୍ତ କୁମାର କର, ସାଗର ସୌଭାଗ୍ୟ, ମୁଖ୍ୟ ମାର୍ଗଦର୍ଶକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ର ଜାଣିଲେ ଅତ୍ୟାଧୁନିକ କୃଷି ପଦ୍ଧତି



**ଅନୁଗୋଳ ଅଫିସ, ୪।୧୨**

ଅନୁଗୋଳ ବ୍ଲକ ବାରସିଂହା ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷି ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଗ୍ରାମ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅତ୍ୟାଧୁନିକ କୃଷି ପଦ୍ଧତି ପ୍ରତି ସ୍କୁଲ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଜୈବିକ କୃଷି, ସମନ୍ୱିତ ରୋଗ ପୋକ ଓ ଘାସର ପରିଚାଳନା, ନିଯୁକ୍ତିଭିତ୍ତିକ କୃଷି, ପ୍ରାଣୀପାଳନ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ କୃଷି ବିଷୟରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଧାନମଣ୍ଡି ସ୍ଥାପନ ଦାବିରେ ବ୍ଲକ ଘେରାଉ

**ବଇଣ୍ଡା, ୪।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକର ସମସ୍ତ ୨୩ ପଞ୍ଚାୟତରେ ଧାନମଣ୍ଡି ସ୍ଥାପନ କରାଯିବା ଦାବିରେ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। କମିଟି ସଦସ୍ୟମାନେ ବରପଡିଆଠାରୁ ବାହାରି ବ୍ଲକ ଅଫିସ୍‌ଠାରେ ପହଞ୍ଚି ପ୍ରତିବାଦ ସଭା ଆୟୋଜନ କରିଥିଲେ। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ଚେରୁ ପ୍ରଧାନ, ଶ୍ରୀକର ବେହେରା, କିଶୋରଚନ୍ଦ୍ର ପ୍ରଧାନ, ଗୌରଚନ୍ଦ୍ର ସାହୁ, ସରୋଜିନୀ ନାୟକ, ଫୁଲ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ। କମିଟି ପକ୍ଷରୁ କୁହାଯାଇଛି, କିଶୋରନଗର ବ୍ଲକ କୃଷି ବହୁଳ ଅଞ୍ଚଳ ହୋଇଥିବାବେଳେ ଚାଷୀମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଧାନ ବିକ୍ରି ପାଇଁ ମଣ୍ଡି ନ ଥିବାରୁ ସେମାନେ ଖଳାରେ ଧାନ ପକାଇ ରଖୁଛନ୍ତି। ଏଥିଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେଇ ବ୍ଲକର ସମସ୍ତ ପଞ୍ଚାୟତରେ ଶୀଘ୍ର ଧାନମଣ୍ଡି ଖୋଲିବାକୁ ଦାବି ହୋଇଛି। ଏଥିସହ ଧାନ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା, ଭାଗଚାଷୀ, କୃଷି ଶ୍ରମିକଙ୍କୁ ମାସକୁ ୫ ହଜାର ଟଙ୍କା ପେନସନ, କିଶୋରନଗର ବଇଣ୍ଡା, ନାକିଚିଠାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ଅଞ୍ଚଳରେ ହାତୀ ଉପଦ୍ରବ ସମସ୍ୟାର ସମାଧାନ ପାଇଁ କମିଟି ଦାବି କରିଛି।




ଜୀବନ ଜୀବିକା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଅଙ୍ଗଦାନର ମହତ୍ତ୍ୱ ଜାଣିଲେ ଛାତ୍ରୀଛାତ୍ର



**ଛେଣ୍ଡିପଦା,୪।୧୨ (ସ୍ୱ.ପ୍ର./ଡି.ଏନ.ଏ)**

ଛେଣ୍ଡିପଦା ବ୍ଲକ ଜରପଡା ଯୁକ୍ତ ୩ ମହାବିଦ୍ୟାଳୟ ପରିସରରେ ବୁଧବାର ଅଙ୍ଗଦାନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ କିନ୍ନର ଚିନ୍ମୟୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଲୋକସେବକ ମଣ୍ଡଳର ସଦସ୍ୟ ତଥା ଅଙ୍ଗଦାନ ସମାଜ ରିଲିଫ ଫଣ୍ଡର ସଭାପତି ପ୍ରଭାସ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଙ୍ଗଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୃତ୍ୟୁ ପରେ ଅଙ୍ଗଦାନ ଅନ୍ୟ କାହାର ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷା ସୁଷମା ପ୍ରଧାନ ଏବଂ ପତିତପାବନ ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ ଅଙ୍ଗଦାନର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଶିବିରରେ ଅତିଥିଭାବେ ବିଧାୟକଙ୍କ ବ୍ଲକ ପ୍ରତିନିଧି ନାରାୟଣ ସାହୁ, ସାମାଜିକ କର୍ମୀ ଶୀତଲ କିନ୍ନର, ସୁରେଶ୍ୱରୀ ସାଗରିକା ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ପଲ୍ଲିସଭାରେ ଧଉରାଗୋଠ ପ୍ରକଳ୍ପକୁ ବିରୋଧ

**ବଇଣ୍ଡା, ୪।୧୨(ଡି.ଏନ.ଏ.)**

ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ଓ ମାନଜୋର ଜଳସେଚନ ପ୍ରକଳ୍ପ ବିଭାଗ ପକ୍ଷରୁ ହଣ୍ଡପା ପଞ୍ଚାୟତ ଅର୍ଜୁନଧରା ଓ ବଣିନାଳୀ ଗ୍ରାମରେ ବୁଧବାର ପଲ୍ଲିସଭା ବସିଥିଲା। ଏଥିରେ ଗ୍ରାମବାସୀ ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣକୁ ଜୋରଦାର ବିରୋଧ କରିଥିଲେ। ପୂର୍ବପୁରୁଷରୁ ଥିବା ଜମିରେ ଚାଷବାସ କରି ଚଳୁଥିବାରୁ ସେମାନଙ୍କ ଜମିରେ ପ୍ରକଳ୍ପ ନିର୍ମାଣ ହୋଇପାରିବନି ବୋଲି ଗ୍ରାମବାସୀ ଜିଦ୍ ଧରିଥିଲେ। ଉଭୟ ଗ୍ରାମର ୮୦ ପ୍ରତିଶତ ଲୋକେ ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ପ୍ରକଳ୍ପ ହେଲେ ସେମାନେ ଜମି ସହ ଘରଦ୍ୱାର ହରାଇବେ। ତେଣୁ ପ୍ରକଳ୍ପ ପାଇଁ ଆଦୌ ଜାଗା ଦିଆଯିବ ନାହିଁ ବୋଲି ସେମାନେ ପ୍ରକାଶ କରିଥିଲେ। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ମାନଜୋର ନିର୍ବାହୀ ଯନ୍ତ୍ରୀ ସନାତନ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ସହକାରୀ ଯନ୍ତ୍ରୀ ସୁରେଶ ଗଡନାୟକ, ସୁଧାକର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ରାଉଳ, ସହକାରୀ ଯୋଗାଣ ଅଧିକାରୀ ଦାଶରଥି ସୋରେନ, ପଞ୍ଚାୟତ ନିର୍ବାହୀ ଅଧିକାରୀ କାଶୀନାଥ ସାହୁ, ସରପଞ୍ଚ ଅମୀୟ ପ୍ରଧାନ, ହୀନ ପ୍ରଧାନ, ଉର୍ବଶୀ ପ୍ରଧାନ, ବୈଜୟନ୍ତୀ ସାହୁ, ସୁବାସିନି କାନ୍ଧିଆ, ରେବତୀ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ୮ଟି ଗ୍ରାମରେ ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ପଲ୍ଲିସଭା ହୋଇଥିବାବେଳେ ସବୁଠାରେ ଏହାକୁ ବିରୋଧ କରାଯାଇଛି। ଫଳରେ ପ୍ରକଳ୍ପ ନିର୍ମାଣରେ ଏବେ ଅନିଶ୍ଚିତତା ଦେଖାଦେଇଛି।



ଆୟୋଜିତ ପଲ୍ଲିସଭାରେ ଉପଜିଲାପାଳଙ୍କ ସହ ଅନ୍ୟମାନେ।

### ■ସାତକୋଶିଆ ଅଧିକାରୀ-କଟରଙ୍ଗାବାସୀଙ୍କ ବୈଠକ

# ସ୍ଥାନାନ୍ତର, ସରକାରୀ ଯୋଜନା ଯୋଗାଯିବାକୁ ଆଲୋଚନା



ଅନୁଷ୍ଠିତ ବୈଠକରେ ବନ କର୍ମଚାରୀ ଏବଂ ଗ୍ରାମବାସୀ ଉପସ୍ଥିତ।

**ବନ୍ତଳା, ୪।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଟିକରପଡା ପଞ୍ଚାୟତ କୋର ଅଞ୍ଚଳରେ ଥିବା କଟରଙ୍ଗା ଗ୍ରାମବାସୀ ଏବଂ ସାତକୋଶିଆ ବନ ଅଧିକାରୀଙ୍କ ମଧ୍ୟରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଫଓ ରାମସ୍ୱାମୀ ପି ଅଧ୍ୟକ୍ଷତା କରିଥିଲେ। ଏସିଏଫ ଶୁଭେନ୍ଦୁ ବେହେରା, ସରୋଜ କୁମାର ସ୍ୱାଇଁ, ଟିକରପଡା ସରପଞ୍ଚ ସୁମତି ଦଳବେହେରା, ସମିତି ସଭ୍ୟ ବିଦ୍ୟାଧର ପ୍ରଧାନ, ଜିଲିଣ୍ଡା ରେଞ୍ଜ ଅଧିକାରୀ ହରିଶ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କ ସମସ୍ୟା, ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଏବଂ ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯିବା ଉପରେ ଆଲୋଚନା କରିଥିଲେ। ଅଭୟାରଣ୍ୟ ବାହାରେ ଥିବା ଗ୍ରାମଗୁଡିକ ପରି କୋର ଜଙ୍ଗଲ ମଧ୍ୟରେ ଥିବା ଗ୍ରାମଗୁଡିକୁ ସମସ୍ତ ସୁବିଧା ଯୋଗାଯିବା ଉପରେ ଉଦ୍ୟମ ଜାରିରହିଥିବା ବନ ଅଧିକାରୀମାନେ କହିଥିଲେ। ଏଥିସହ ସ୍ଥାନାନ୍ତର ହେଲେ ପ୍ରତି ପରିବାରର ସାବାଳକଙ୍କୁ ଗୋଟିଏ ପରିବାର, ଦିବ୍ୟାଙ୍ଗଙ୍କୁ ଗୋଟିଏ ପରିବାରର, ବାପା ମା' ଓ ସ୍ୱାମୀ ସ୍ତ୍ରୀଙ୍କୁ ଗୋଟିଏ ପରିବାର ଭାବରେ ଗଣତି କରାଯାଇ ପ୍ରତ୍ୟେକ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆକାଉଣ୍ଟରେ ପ୍ରଶାସନ ପକ୍ଷରୁ ଡିପୋଜିଟ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏଥିସହ ପ୍ରତ୍ୟେକ ପରିବାରକୁ ୧୦ ଡେସିମିଲ ଘରଡ଼ିହ, ଜମି ଏକର ପିଛା ୧ ଲକ୍ଷ ୪୨ ହଜାର ଟଙ୍କା କ୍ଷତିପୂରଣ ଯୋଗାଯିବ। ବିଜୁ ପକ୍କାଘର, ସ୍କୁଲଘର, ଖେଳ ପଡିଆ, ବିଦ୍ୟୁତ, ପାଇପ ପାଣି, ସ୍ୱାସ୍ଥ୍ୟକେନ୍ଦ୍ର ସହ ସହର ପାଖ ଗୋଟିଏ ଜାଗାରେ ନୂତନ ରାଜସ୍ୱ ଗ୍ରାମର ବ୍ୟବସ୍ଥା କରାଯିବ ବୋଲି ଉପସ୍ଥିତ ବନ ଅଧିକାରୀମାନେ କହିଥିଲେ। ଏ ସବୁ ଦିଗରେ ଗ୍ରାମବାସୀ ଚିନ୍ତା କରିବା ସହ ସେମାନଙ୍କ ସହଯୋଗ କାମନା କରିଥିଲେ। ଗ୍ରାମବାସୀ ଏକତ୍ର ହୋଇ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଲେ ତାହା ଲିଖିତ ଭାବେ ଜଣାଇବାକୁ ବନ ଅଧିକାରୀମାନେ କହିଥିଲେ। ଶେଷରେ ଜିଲିଣ୍ଡା ରେଞ୍ଜର ଧନ୍ୟବାଦ ଦେଇଥିଲେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଥଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ଓଡ଼ାପଡ଼ା, ୪।୧୨(ଡି.ଏନ.ଏ.):** ଓଡ଼ାପଡ଼ା ବ୍ଲକ ହିନ୍ଦୋଳରୋଡସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର। ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର ଯୋଗଦେଇ କହିଲେ, ମହିଳାମାନଙ୍କ ବେଶଭୂଷା, ଆଚାରବ୍ୟବହାର, ଚାଲିଚଳଣ ସହିତ ଆତ୍ମରକ୍ଷା କୌଶଳର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମର ଜିଲା ସଂଯୋଜକ ଡ. ଶାରଦା ପତି ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ରଣଜିତ କୁମାର ପ୍ରଧାନ, ଡ. ରମେଶ ପ୍ରସାଦ ମିଶ୍ର, କପିଳ ଚରଣ ମହାନ୍ତି, ଅଧାପିକା ମଧୁସ୍ମିତା ନାୟକ, କଲ୍ୟାଣୀ ଦାସ, ସରୋଜ ଧଳ, ଶିଶିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରିୟଙ୍କା ଧୀର ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

### ଅଖିଳ ଭାରତୀୟ ବିଜ୍ଞାନ ମେଳା: ପାୟଲଙ୍କ ପ୍ରକଳ୍ପକୁ ଦ୍ୱିତୀୟ ସ୍ଥାନ



**ଢେଙ୍କାନାଳ ଅଫିସ, ୪।୧୨:** ଉତ୍ତରପ୍ରଦେଶର କାନପୁରଠାରେ ଦୁଇଦିନ ଧରି ଆୟୋଜିତ ଅଖିଳ ଭାରତୀୟ ଜ୍ଞାନବିଜ୍ଞାନ ମେଳାରେ ଜିଲା ପାଇଁ ପ୍ରଶଂସା ଆଣିଛନ୍ତି ଢେଙ୍କାନାଳ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ପାୟଲ କରଣ। ତାଙ୍କ ଦ୍ୱାରା ପ୍ରଦର୍ଶିତ ସୌରଶକ୍ତି ପ୍ରକଳ୍ପ ଦ୍ୱିତୀୟସ୍ଥାନ ଅଧିକାର କରିଥିବା ଶିକ୍ଷାନୁଷ୍ଠାନର ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି। ଏହି ବିଜ୍ଞାନମେଳାରେ ଶିଶୁ ବିଦ୍ୟାମନ୍ଦିରର ଅଭିଜିତ ରାଉତ, ଲିନୁପ୍ରିୟା ଜେନା, ରିଚିକା ସାହୁ, ପ୍ରାଚୀ ପରିଣିତା ବରାଳ ମଧ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଅରୁନ୍ଧତୀ ମହାପାତ୍ର, ସଞ୍ଜୀବ ମିଶ୍ର ଛାତ୍ରୀଛାତ୍ରଙ୍କ ସହ ଯାଇଥିଲେ। ପାୟଲଙ୍କ ଏହି କୃତିତ୍ୱ ପରେ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ପ୍ରଦାନ କରାଯାଇଛି।

### କୁରାଳ ସମାଜର ବାର୍ଷିକ ଉତ୍ସବ



**ଭୁବନ, ୪।୧୨(ଡି.ଏନ.ଏ.):** ଭୁବନ ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡରେ ବସବାସ କରୁଥିବା କୁରାଳ ସମ୍ପ୍ରଦାୟର ବାର୍ଷିକ ଉତ୍ସବ ସମାରୋହ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ରୀତିନୀତି ଅନୁଯାୟୀ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରାଯାଉଛି। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ନାମ ସଂକୀର୍ତ୍ତନରେ ପରିବେଶ ଉତ୍ସବ ମୁଖର ହୋଇଉଠିଛି। ପିଠାପଣାର ମହକରେ ପୂରି ଉଠିଛି ଘର। ବନ୍ଧୁବାନ୍ଧବ ମଧ ଭିଡ଼ ଜମାଇଛନ୍ତି। ସମ୍ପ୍ରଦାୟର ସଭାପତି ଗୟାଧର ରଣାଙ୍କ ନେତୃତ୍ୱରେ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, କୋଷାଧକ୍ଷ ଅନାମ ଚରଣ ସାହୁ, ଉପସଭାପତି ଟଙ୍କଧର ସାହୁ, ସହସମ୍ପାଦକ ରସିଆ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଶନିବାର ଠାକୁରଙ୍କ ଭସାଣି କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

■ଆଲୋଚନାଚକ୍ରରେ ମତ

# ବାଲ୍ୟ ବିବାହ ବିପଦପୂର୍ଣ୍ଣ

**ଢେଙ୍କାନାଳ ଅଫିସ, ୪।୧୨**



ଜଣେ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଉଛି।

**■ଜିଲାରେ ରୋକାଯାଇଛି ୧୫ ବାଲ୍ୟ ବିବାହ**

ବାଲ୍ୟ ବିବାହ ସମାଜ ପାଇଁ ବିପଦପୂର୍ଣ୍ଣ। ଏହାଦ୍ୱାରା ବିବାହ କରୁଥିବା ଝିଅ, ଜନ୍ମିତ ସନ୍ତାନ ଏବଂ ପରିବାର ସଦସ୍ୟ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ୧୮ବର୍ଷରୁ କମ୍ ବୟସର ଝିଅ ଏବଂ ୨୧ ବର୍ଷରୁ କମ୍ ବୟସର ପୁଅ ବିବାହ କଲେ ସେମାନଙ୍କ ଶାରୀରିକ ଏବଂ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ। ଏପରି କୁପ୍ରଥାକୁ ଉଚ୍ଛେଦ କରିବା ପାଇଁ ଗାଁ ମୁଖିଆ, ମାତାପିତା, କିଶୋରୀକିଶୋରମାନେ ସଚେତନ ହେବା ଜରୁରୀ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ବୁଧବାର ଆୟୋଜିତ ବାଲ୍ୟ ବିବାହ ନିରୋଧୀ ସମ୍ପର୍କିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମା'ବାପାମାନେ ଝିଅକୁ ବୋଝ ଭାବି ଶୀଘ୍ର ବିବାହ କରାଇ ଦେଉଛନ୍ତି। ଏହା ସେମାନଙ୍କ ଭବିଷ୍ୟତ ପାଇଁ ବଡ଼ ସମସ୍ୟା ଡାକି ଆଣୁଛି। ଏଥିରୁ ନିବୃତ୍ତ ରହିବା, କନ୍ୟାସନ୍ତାନଙ୍କ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କହିଲେ, ବାଲ୍ୟବିବାହ ଉଚ୍ଛେଦ ପାଇଁ ଝିଅମାନେ ସ୍ୱର ଉଠାଇବା ଜରୁରୀ। ଆବଶ୍ୟକସ୍ଥଳେ ସେମାନେ ଏହାର ପ୍ରତିରୋଧ କରି ଆଇନଗତ ସହାୟତା ନେଇପାରିବେ। ଜିଲାରେ ଏପରି ଭାବେ ୧୫ଟି ବାଲ୍ୟ ବିବାହ ରୋକାଯାଇପାରିଛି। ଶିଶୁ ମଙ୍ଗଳ ସମିତିର ଅଧକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ କହିଲେ, ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଏବଂ ଅଶିକ୍ଷା ଯୋଗୁ ଏପରି ସମସ୍ୟା ଅଧିକ ଦେଖାଯାଉଛି। ସଚେତନତା ହିଁ ଏହାର ପ୍ରମୁଖ ଅସ୍ତ୍ର। ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହାକୁ ରୋକାଯାଇପାରିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର କହିଲେ, ଶୀଘ୍ର ବିବାହ ଯୋଗୁ ଯୁବତୀଯୁବକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ। ଏପରି କି ସେମାନଙ୍କ ସନ୍ତାନ ଭିନ୍ନକ୍ଷମ ହେବା ସମ୍ଭାବନା ଅଧିକ। ତେଣୁ ବାଲ୍ୟବିବାହଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

ପ୍ରାରମ୍ଭରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାଲ୍ୟ ବିବାହ ରୋକିବା ଦିଗରେ ସଫଳତାର ସହ କାର୍ଯ୍ୟ କରିଥିବା ଅନିମା ନାୟକ, ଲିଜାରାଣୀ ସାହୁ, ସୁଶୋଭିତା ମହାନ୍ତି, ଯୋଗରୂପା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସମେତ ବହୁ କିଶୋରୀ ଯୋଗଦେଇଥିଲେ।

■ବନ୍ଦ କାର ଭିତରୁ ଶିଶୁକନ୍ୟା ଉଦ୍ଧାର ଘଟଣା

## ମାମଲା ରୁଜୁ କଲା ପୋଲିସ



ସୁରକ୍ଷା କର୍ମୀଙ୍କୁ ପୋଲିସ ଘଟଣା ସମ୍ପର୍କରେ ପଚରାଉଚୁରା କରୁଛି।

**ଢେଙ୍କାନାଳ ଅଫିସ, ୪।୧୨**

ବନ୍ଦ କାର ଭିତରକୁ ଅଣନିଃଶ୍ୱାସୀ ଅବସ୍ଥାରେ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯିବା ଘଟଣାକୁ ଗୁରୁତ୍ୱର ସହ ନେଇଛି ଢେଙ୍କାନାଳ ଟାଉନ ଥାନା ପୋଲିସ। ଏ ନେଇ ବୁଧବାର ପୋଲିସ ପକ୍ଷରୁ ନିଜଆଡ଼ୁ ମାମଲା ରୁଜୁ କରାଯାଇଛି। କେସ୍ ନଂ. ୩୬୯/୧୯, ଦଫା ୩୪୨, ୩୪ ଓ ୭୫ ଜୁଭେନାଇଲ ଜଷ୍ଟିସ୍ କେୟାର ଅଫ୍ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ୍ ଆକ୍ଟ-୨୦୧୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଶିଶୁକନ୍ୟାଙ୍କ ମା' ସୋନାଲୀ ମିଶ୍ର, ବାପା ପ୍ରଦୀପ କୁମାର ମିଶ୍ରଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ସୁରକ୍ଷା କର୍ମୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ମଧ୍ୟାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ସମ୍ପୃକ୍ତ ଶିଶୁକନ୍ୟାଙ୍କୁ ବନ୍ଦ କାର ଭିତରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଶିଶୁକୁ କାର ଭିତରେ ବନ୍ଦ କରି ଦମ୍ପତି ସ୍ୱାସ୍ଥ୍ୟପରୀକ୍ଷା କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବାବେଳେ ଏପରି ଘଟଣା ଘଟିଥିଲା। ଅଣନିଃଶ୍ୱାସୀ ହୋଇପଡ଼ିଥିବା ଶିଶୁକନ୍ୟାଙ୍କୁ ସୁରକ୍ଷା କର୍ମଚାରୀମାନେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ଶିଶୁକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ୱାଡେନ୍ ଦେଲେ ଇଞ୍ଜେକ୍ସନ, ଭିଡିଓ ଭାଇରାଲ

**ଢେଙ୍କାନାଳ ଅଫିସ, ୪।୧୨**



ଭାଇରାଲ ହୋଇଥିବା ଫଟୋ।

ଦୁଇଦିନ ହେଲା ଚର୍ଚ୍ଚାର ଶିରୋନାମାରେ ରହିଛି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ। ମଙ୍ଗଳବାର ବନ୍ଦ କାର ଭିତରୁ ଅଣନିଃଶ୍ୱାସୀ ଅବସ୍ଥାରେ ଜଣେ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯିବା ଘଟଣାକୁ ୨୪ଘଣ୍ଟା ନ ପୂରୁଣୁ ଜଣେ ମହିଳା ରୋଗୀଙ୍କୁ ୱାଡେନ ଇଞ୍ଜେକ୍ସନ ଦେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଚିକିତ୍ସାଳୟର ମହିଳା ମେଡିସିନ ୱାର୍ଡରେ ଏହି ଘଟଣା ଘଟିଛି। ୱାଡେନ ଜଣକ ମହିଳାଙ୍କ ବାମହାତରେ ଇଞ୍ଜେକ୍ସନ ଦେଉଥିବା ଦୃଶ୍ୟକୁ କେହି ଜଣେ ରେକର୍ଡିଂ କରି ସୋସିଆଲ ମିଡିଆରେ ପ୍ରଘଟ କରିଛି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କୁହନ୍ତି, ୧୫-୨୦ ଦିନ ପୂର୍ବରୁ ଏହି ଘଟଣା ଜ୍ଞାତସାରକୁ ଆସିଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍ ଶୀଘ୍ର ଆଲୋଚନା ବୈଠକ ଡାକି କେଉଁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ନିଷ୍ପତ୍ତି ନିଆଯିବ।

ଯୋଗମାୟା ଚ୍ୟାଲେଞ୍ଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ ଢେଙ୍କାନାଳ, ଧବଳଗିରି

**ଭୁବନ, ୪।୧୨(ଡି.ଏନ.ଏ.)**

ଭୁବନ ବ୍ଲକ ମାର୍ଥାପୁର ଖେଳପଡ଼ିଆରେ ଚାଲିଥିବା ୩୪ତମ ଯୋଗମାୟା ଚ୍ୟାଲେଞ୍ଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଖେଳାଯାଇଥିବା ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କଟକ ଜିଲାର ବୈଦେଶ୍ୱର କ୍ରିକେଟ ଟିମ୍‌କୁ ହରାଇ ଧବଳଗିରି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଧବଳଗିରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବୈଦେଶ୍ୱର ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୬୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ଗିରୀଶ ନାୟକ ସର୍ବାଧିକ ୪୨ ରନ୍ କରିଥିଲେ ମଧ ତାହା ଯଥେଷ୍ଟ ହୋଇ ନ ଥିଲା। ୭୦ ରନ୍ କରିଥିବା ବିଜୟୀ ଦଳର ରୁଦ୍ରନାରାୟଣ ଦାସ 'ମ୍ୟାନ୍ ଅଫ୍ ଦି ମ୍ୟାଚ' ବିବେଚିତ ହୋଇଥିଲେ। ଗିରିଜା ପ୍ରସାଦ ମିଶ୍ର, ବିଷ୍ଣୁ ପ୍ରସାଦ ଦାସ ମ୍ୟାଚ୍ ପରିଚାଳନା କରିଥିବାବେଳେ ମଳୟ ଚନ୍ଦନ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟାଙ୍ଗୀକୁ ହରାଇ ଢେଙ୍କାନାଳ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଧବଳଗିରି ଏବଂ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ।

## 'ବୈଜ୍ଞାନିକଙ୍କ ଉଦ୍ୟମ ନୂତନ ଦିଗନ୍ତ ସୃଷ୍ଟି କରିଛି'

**ସାତମାଇଲ, ୪।୧୨(ଡି.ଏନ୍.ଏ.)**





କାର୍ଯ୍ୟକ୍ରମରେ ଅତିଥିମାନେ।

ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜରେ ବୁଧବାର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ 'କସ୍‌ମୋଲୋଜି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଅସିତ କୁମାର ଜେନାମଣିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଜିଆଇଟିର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. ସୁନୀଲ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗବେଷଣାରେ ଉତ୍କର୍ଷ ପାଇଁ ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ବିଭାଗରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ବୈଜ୍ଞାନିକମାନଙ୍କ ନିରନ୍ତର ଉଦ୍ୟମ ଫଳରେ ବିଶ୍ୱବ୍ରହ୍ମାଣ୍ଡର ବହୁ ରହସ୍ୟ ଉନ୍ମୋଚିତ କରିପାରୁଛି। ସୃଷ୍ଟିତତ୍ତ୍ୱର ରହସ୍ୟ ଖୋଜିବା ଦିଗରେ ବିଜ୍ଞାନ କାର୍ଯ୍ୟ କରୁଛି। ବିଜ୍ଞାନର ଉଦ୍ଦେଶ୍ୟ ମାନବଜାତିର ସେବା। ଏ କ୍ଷେତ୍ରରେ ବୈଜ୍ଞାନିକମାନଙ୍କ ପ୍ରଚେଷ୍ଟା ନୂତନ ଦିଗନ୍ତ ସୃଷ୍ଟି କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଅଶୋକ କୁମାର ସାହୁ , ବରିଷ୍ଠ ଅଧ୍ୟାପକ ଜୟନ୍ତ ନାରାୟଣ ପତି, ସୁକାନ୍ତ ପତି, ଅକ୍ଷୟ ପାତ୍ର, ଦିଲୀପ ଗଡ଼ନାୟକ, ଶଶଧର ବିଶ୍ୱାଳ, ନିର୍ମଳ ପାଣିଗ୍ରାହୀ, ମନୋରଞ୍ଜନ ବେହେରା, ଡେମୋନଷ୍ଟ୍ରେଟର ବିଶ୍ୱରଞ୍ଜନ, ବିମଳ କୁମାର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଭାଗୀୟ ଛାତ୍ରୀଛାତ୍ରମାନେ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ।

## ଲାଞ୍ଚ: ବିଇଓ ଅଫିସ ମୁଖ୍ୟ କିରାଣି ଗିରଫ

**ବୌଦ୍ଧ, ୪।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଚତୁର୍ଭୁଜ ଖମାରୀ ବୁଧବାର ଜଣେ ମହିଳାଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡିଛନ୍ତି। ଭାବପୁର ଗ୍ରାମର ପ୍ରସନ୍ନ ଟାମିକିଆ ମହୁଲଗଡିଆ ବିଦ୍ୟାଳୟର ଶିକ୍ଷକତା କରୁଥିଲେ। ପ୍ରସନ୍ନଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ନର୍ମଦା ଟାମିକିଆଙ୍କ ପାଇଁ ପରିବାର ପେନଶନ କରାଇଦେବାକୁ ମୃତ ଶିକ୍ଷକଙ୍କ ମା' କୌଶଲ୍ୟା ଟାମିକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ତାଙ୍କୁ ପେନଶନ କାଗଜପତ୍ର କରାଇଦେବାକୁ ମୁଖ୍ୟ କିରାଣି ଖମାରୀ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ କୌଶଲ୍ୟା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ବୁଧବାର କାର୍ଯ୍ୟାଳୟରେ କୌଶଲ୍ୟାଙ୍କଠାରୁ କିରାଣି ଖମାରୀ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗର ଅଧିକାରୀଙ୍କ ହାତରେ ଧରା ପଡିଥିଲେ।

## ଛାତ୍ରଙ୍କୁ ମାଡ଼ ଘଟଣାର ତଦନ୍ତ

**ଢେଙ୍କାନାଳ ଅଫିସ, ୪।୧୨**

ଶ୍ରେଣୀ ପ୍ରକୋଷ୍ଠରେ ଥିବା ଫ୍ୟାନ୍ ସୁଇଚ୍ ଭାଙ୍ଗିଦେବାକୁ ନେଇ ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ରାଜ ବାରିକଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ବୁଧବାର ଡିଇଓ ସୁଧାନନ୍ଦ ପରିଡ଼ା ଘଟଣାର ତଦନ୍ତ କରିଛନ୍ତି। ଏ ନେଇ ସେ କୁହନ୍ତି, ଛାତ୍ରଙ୍କ ଅଭିଯୋଗରେ ସତ୍ୟତା ଅଛି। ତଦନ୍ତ ସମ୍ପର୍କିତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବୁ। ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ. ୩୬୮/୧୯ରେ ମାମଲା ରୁଜୁ କରାଯାଇଛି।

## ପୁଣି ଜବତ ହେଲା ୨ହଜାର ବୋତଲ କଫ୍ ସିରପ

**ପାଟଣାଗଡ, ୪।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ କଫ୍ ସିରପ୍‌ର ଚାଲିଛି ଅବାଧ କାରବାର। ଗତ ୨ ତାରିଖରେ ପୋଲିସ ୧୬ହଜାର ବୋତଲ କଫ୍ ସିରପ ଜବତ କରିଥିଲା। ଏହାର ଦୁଇଦିନ ପରେ ବୁଧବାର ଅବକାରୀ ବିଭାଗ ବେଲପଡା ଅଞ୍ଚଳରୁ ୨ହଜାର ବୋତଲ କଫ୍ ସିରପ ଜବତ କରିଛି। ଅବକାରୀ ଅଧୀକ୍ଷକ ଶ୍ରୀଧର ମାଝିଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ପାଇଁ ପଦକ୍ଷେପ

### ■ ପ୍ରତ୍ୟୁଷରୁ ଗସ୍ତ କରି ତଦାରଖ କଲେ ୫-ଟି ସଚିବ

**ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ)/ ଭୁବନେଶ୍ୱର,୪।୧୨(ବ୍ୟୁରୋ)**



୫-ଟି ସଚିବ ଭି.କେ ପାଣ୍ଡିଆନ୍ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନ୍ ମଙ୍ଗଳବାର ପ୍ରତ୍ୟୁଷରୁ ଲିଙ୍ଗରାଜ ମନ୍ଦିର ଗସ୍ତ କରିଛନ୍ତି। ପ୍ରାୟ ଭୋର ୪ଟା ୩୦ ସମୟରେ ୫-ଟି ସଚିବ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ, ନୂତନ ନିର୍ମାଣ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିବା ଜଣାପଡିଛି। ପାଣ୍ଡିଆନ୍‌ଙ୍କ ସହ ପୂର୍ତ୍ତ ସଚିବ ତଥା କମିଶନର କ୍ରିଷ୍ଣନକୁମାର, ଖୋର୍ଦ୍ଧା ଏଡିଏମ୍ ମନୋଜ କୁମାର ମଲ୍ଲିକ, ଡିସିପି ଅନୁପ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

ପୁରୀ ଶ୍ରୀମନ୍ଦିର ଭଳି ପୁରାତନ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ ସହ ମରାମତି କରାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୮.୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ନିକଟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସ ଭଙ୍ଗା ଯାଇଥିଲା। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମନ୍ଦିର ସମ୍ପର୍କିତ ବିଭିନ୍ନ ସମସ୍ୟା ସମ୍ପର୍କରେ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ମାର୍କେଟ କମ୍ପ୍ଲେକ୍ସ ବଣ୍ଟନରେ ଅନିୟମିତତା, ବିନ୍ଦୁ ସାଗର ଓ ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ସମାଧାନ ନେଇ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ଫଟୋରେ ଖବର



ଢେଙ୍କାନାଳ ଓଡିଏମ୍ ୱାର୍ଲଡ ସ୍କୁଲ ପକ୍ଷରୁ ମଙ୍ଗଳବାର ଆୟୋଜିତ ବିଜ୍ଞାନମେଳାର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ମୁଖ୍ୟ କାରାଗାର ଅଧୀକ୍ଷକ ବୀରେନ୍ ସାହୁ, ଓକିଲ ସଂଘ ସମ୍ପାଦକ ଟଙ୍କଧର ବେହେରା, ଶିକ୍ଷାନୁଷ୍ଠାନର ଅଧକ୍ଷ ଅରୁଣ କୁମାର ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।





ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସିମିନଇସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜରେ ସୋମବାର ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ରଙ୍କ ସମେତ କଲେଜର କର୍ମଚାରୀମାନେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଗୁରୁବାର,୫ ଡିସେମ୍ବର/୨୦୧୯, Dhenkanal, Thursday, December 5 / 2019

## ସଂକ୍ଷେପରେ

### ଜିଲା ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା


ସତ୍ୟାନନ୍ଦ।


ଦିଲୀପ ।

**ଢେଙ୍କାନାଳ ଅଫିସ, ୪।୧୨:** ଢେଙ୍କାନାଳ ଜିଲା ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କୋରିଆଁ ବାଇପାସସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସତ୍ୟାନନ୍ଦ ବଳସାମନ୍ତ, ସାଧାରଣ ସମ୍ପାଦକ ଭାବେ ଦିଲୀପ କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଅକ୍ଷୟ କୁମାର ବୈଶାକ, ଉପସଭାପତି ଜଗଦୀଶ ପଟ୍ଟନାୟକ, ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁଶୀଲ କୁମାର ରାଉତ, ଶରତ କୁମାର ସାହୁ, କୋଷାଧ୍ୟକ୍ଷ ଦିବ୍ୟସିଂହ ମହାପାତ୍ର, ଆଇନ ପରାମର୍ଶଦାତା ଆଇନଜୀବୀ ଭରତ ହାତୀ, ଉପଦେଷ୍ଟା ଭାବେ ଦିଗାମ୍ବର ବେହେରା, ବସନ୍ତ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସଞ୍ଜୟ କୁମାର ଦାସ, ପ୍ରକାଶ କୁମାର ବେହେରା, ସନ୍ତୋଷ କୁମାର ମହାପାତ୍ର, ରାଜେଶ ସାହୁ, ବିଭୂତି ଭୂଷଣ ସାହୁ, ରାଜେନ୍ଦ୍ର ସାହୁ, ଅଶୋକ କୁମାର ସାହୁ, ସମର ନାୟକଙ୍କୁ କାର୍ଯ୍ୟକାରିଣୀ ମଣ୍ଡଳୀରେ ସ୍ଥାନ ମିଳିଛି। ଭରତ ହାତୀ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।

## ■ଅପହଞ୍ଚ ଇଲାକାରେ ଜନନୀ ଯନ୍ତ୍ରଣା

# ଶିଶୁ ଜନ୍ମ ପରେ ଆଖି ବୁଜିଲା ମା'

**କାମାକ୍ଷାନଗର, ୪।୧୨(ଡି.ଏନ.ଏ.)**



■ଆଗରୁ ୫ ନବଜାତ ସନ୍ତାନଙ୍କ ମୃତ୍ୟୁ ଘଟିଥିଲା

■ଅର୍ଥାଭାବରୁ ଯାଇ ନ ଥିଲେ ଡାକ୍ତରଖାନା

■ସମ୍ପର୍କୀୟଙ୍କ ଘରେ ହୋଇଥିଲା ପ୍ରସବ

୫ଥର ଗର୍ଭ। ୫ ଥର ପ୍ରସବ। ହେଲେ ବଞ୍ଚି ନ ଥିଲେ ଗୋଟିଏ ବି ସନ୍ତାନ। ୬ଷ୍ଠ ଥର ଗର୍ଭଧାରଣ ପରେ ବେଶ୍ ଖୁସି ଥିଲା ପରିବାର। ଘରକୁ ନୂଆ ଅତିଥି ଆସିବ ଭାବି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ସଭିଏଁ। ହେଲେ ଏହି ଖୁସିକୁ ଯେମିତି ଲାଗିଗଲା ଗ୍ରହଣ। ଷଷ୍ଠ ଥର ପ୍ରସବ ପରେ ଜନ୍ମ ହୋଇଥିବା ପୁତ୍ରସନ୍ତାନ ତ ବଞ୍ଚିଗଲା, ହେଲେ ଛୁଆକୁ ଜନ୍ମ ଦେଇ ସବୁଦିନ ପାଇଁ ଆଖି ବୁଜିଲେ ମା'। ଜନନୀ ଯନ୍ତ୍ରଣାର ଏପରି ବିକଳ ଚିତ୍ର ଆସିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ପୁଞ୍ଜିପାଳ ଗ୍ରାମରୁ। ମୃତ ମହିଳା ହେଲେ ଦାସେଇ ପଧାନ। ଏପରି ଦୁଃଖଦ ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ପୁଞ୍ଜିପାଳ ଗ୍ରାମର ପଞ୍ଚୁ ପଧାନଙ୍କ ସହ ଦାସେଇଙ୍କ ବିବାହ ୭ବର୍ଷ ତଳେ ହୋଇଥିଲା। ପୂର୍ବରୁ ପ୍ରସବ ପରେ ଦାସେଇ ହରାଇଥିଲେ ୫ ନବଜାତ ସନ୍ତାନ। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ସେ ସୋମବାର କାମାକ୍ଷାନଗର ଡାକ୍ତରଖାନାକୁ ଆସିଥିଲେ। ପରୀକ୍ଷାରୁ ଜଣାପଡ଼ିଲା ତାଙ୍କ ଗର୍ଭଧାରଣ ସ୍ଥିତି ଅତି ଜଟିଳ। ବିନା ଅସ୍ତ୍ରୋପଚାରରେ ପ୍ରସବ କଷ୍ଟକର ଥିବା କହି ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଦେଇଥିଲେ। ହେଲେ ସୋମବାର ଗର୍ଭକଷ୍ଟ ଆସି ନ ଥିଲା। ଗ୍ରାମକୁ ଯାତାୟାତ ସମସ୍ୟା ଏବଂ ଅର୍ଥାଭାବରୁ ମହିଳା ଜଣକ କରଗୋଳା ଗ୍ରାମର ଜନୈକ ସମ୍ପର୍କୀୟଙ୍କ ଘରେ ରହିଯାଇଥିଲେ। ବୁଧବାର ସକାଳେ ସେଠାରେ ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଏହାର ଅଧଘଣ୍ଟା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ପହଞ୍ଚି ଆମ୍ବୁଲାନ୍ସ ସହାୟତାରେ ନବଜାତକକୁ ଡାକ୍ତରଖାନା ପଠାଇବା ବ୍ୟବସ୍ଥା କରିଥିଲେ।

ଅନ୍ୟପଟେ ଜଣେ ପ୍ରସୂତିଙ୍କ ମୃତ୍ୟୁ ପରେ ଆଶାକର୍ମୀଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ପରିସ୍ଥିତିରେ ମହିଳାଙ୍କୁ ଡାକ୍ତରଖାନା ଅଣାଗଲା। ତାଙ୍କୁ ଜିଲା ଚିକିତ୍ସାଳୟକୁ ରେଫର କରାଯିବା ସମୟରେ ଆଶାକର୍ମୀ କାହିଁକି ସଚେତନ କଲେନାହିଁ। ମହିଳାଙ୍କ ମୃତ୍ୟୁ ପରେ ଏମିତି ଅନେକ ପ୍ରଶ୍ନ ଛିଡ଼ା ହୋଇଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ଏ ନେଇ ମୃତ ମହିଳାଙ୍କ ଶାଶୁ ରହଣି ପଧାନ କୁହନ୍ତି, ୩ ସନ୍ତାନ ମଧ୍ୟରୁ ପଞ୍ଚୁ ହେଉଛନ୍ତି ବଡ଼। କାମାକ୍ଷାନଗର ଡାକ୍ତରଖାନାକୁ ବୋହୂଙ୍କୁ ନେବା ପରେ ଡାକ୍ତର ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଢେଙ୍କାନାଳ ଡାକ୍ତରଖାନାକୁ ନେଇଯିବାକୁ କହିଥିଲେ। ହେଲେ ଅର୍ଥାଭାବରୁ ବୋହୂ ଯାଇପାରି ନ ଥିଲେ। ଏଣୁ ଛୁଆ ଜନ୍ମ ପରେ ବୋହୂର ମୃତ୍ୟୁ ହୋଇଥିବା ସେ କହିଛନ୍ତି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। କେଉଁ ପରିସ୍ଥିତିରେ ଏବଂ କାହାର ତ୍ରୁଟି ପାଇଁ ମହିଳାଙ୍କ ମୃତ୍ୟୁ ହୋଇଛି ତାହା ତଦନ୍ତ ସାପେକ୍ଷ। ତଦନ୍ତ ପରେ ଏହା ସ୍ପଷ୍ଟ ହେବ। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ କୁହନ୍ତି, ନବଜାତ ଶିଶୁପୁତ୍ରକୁ ଏନ୍‌ଆର୍‌ସିରେ ରଖାଯାଇଛି। ତା'ର ଓଜନ ୨ କେଜି ୮୦୦। ସେ ଏବେ ସୁସ୍ଥ ଅଛି। ଛୁଆଟିର ଚିକିତ୍ସା ଲାଗି ସମସ୍ତ ଉଦ୍ୟମ କରାଯାଉଛି।

## ■ସତ ହେଲା ସ୍ୱପ୍ନ

# ଅଭିଷେକ ନୌସେନା ଅଧିକାରୀ

**ଢେଙ୍କାନାଳ ଅଫିସ, ୪।୧୨**



'ସ୍ୱପ୍ନ ତାହା ନୁହେଁ, ଯାହା ଶୋଇବା ସମୟରେ ଦେଖାଯାଏ...ସ୍ୱପ୍ନ ହେଉଛି ତାହା, ଯାହା ଶୋଇବାକୁ ଦିଏନାହିଁ।' ସ୍ୱପ୍ନଭୁକ୍ ହେବାକୁ ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ ଏହା କହିଥିଲେ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ। ଏହାକୁ ବାସ୍ତବ ଜୀବନରେ କରି ଦେଖାଇଛନ୍ତି ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳର ଅଭିଷେକ ସାମଲ। ଭାରତୀୟ ନୌସେନାରେ ସବ୍ ଲ୍ୟୁଟ୍‌ନାଣ୍ଟ ଭାବେ ନିଯୁକ୍ତି ପାଇ ସେ ଜିଲା ପାଇଁ ଆଣିଛନ୍ତି ଗୌରବ। ଏହାପରେ ତାଙ୍କୁ ଛୁଟିଛି ପ୍ରଶଂସାର ସୁଅ।

ଅଧ୍ୟାପିକା ମମତା ନାୟକ ଏବଂ ଅଧ୍ୟାପକ ପ୍ରଭାତ କୁମାର ସାମଲଙ୍କ ପୁଅ ହେଉଛନ୍ତି ଅଭିଷେକ (୨୩)। ସ୍ଥାନୀୟ ମଣ୍ଟଫୋର୍ଟ ସ୍କୁଲରୁ ୧୦ମ ଏବଂ କେନ୍ଦ୍ରୀୟ ବିଦ୍ୟାଳୟରୁ ଦ୍ୱାଦଶ ଶ୍ରେଣୀରେ ୯୧% ମାର୍କ ରଖି ପାସ୍ ହେବାପରେ କେରଳର ଏଜିମାଲାସ୍ଥିତ ଇଣ୍ଡିଆନ ନାଭାଲ ଏକାଡେମୀରେ ୨୦୧୫ରେ ଯୋଗଦେଇଥିଲେ ଅଭିଷେକ। ଗତ ନଭେମ୍ବର ୩୦ରେ ଇଞ୍ଜିନିୟରିଂ ବିଭାଗରେ ସେଠାରୁ ସେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ କୋଚି ନାଭାଲ ବେସ୍‌ରେ ସବ୍ ଲ୍ୟୁଟ୍‌ନାଣ୍ଟ ଭାବେ ନିଯୁକ୍ତି ପାଇଛନ୍ତି।

ସାଧାରଣ ପରିବାରରୁ ଆସିଥିବା ଅଭିଷେକଙ୍କ ପରିବାରରେ ପୂର୍ବରୁ କେହି ସୈନ୍ୟବାହିନୀ ସହିତ ସମ୍ପୃକ୍ତ ନାହାନ୍ତି। ହେଲେ ଦୁଃସାହସିକ କାର୍ଯ୍ୟରେ ରୁଚି ରଖୁଥିବା ଅଭିଷେକ ସୈନ୍ୟବାହିନୀରେ ଯୋଗଦେବାକୁ ପିଲାଟି ଦିନରୁ ସ୍ୱପ୍ନ ଦେଖୁଥିଲେ। ନିଷ୍ଠା, ଏକାଗ୍ରତା ଏବଂ କଠୋର ପରିଶ୍ରମ ବଳରେ ସେ ନିଜର ସ୍ୱପ୍ନ ପୂରଣ କରିପାରିଛନ୍ତି। କେବଳ ଏତିକି ନୁହେଁ, ଅଭିଷେକ ଜଣେ କ୍ରୀଡ଼ାବିତ୍ ମଧ୍ୟ। ହକି, କ୍ରିକେଟ, ଫୁଟବଲ ଖେଳରେ ସେ ନିଜର ଦକ୍ଷତାର ଛାପ ଛାଡ଼ିଛନ୍ତି। ଅଭିଷେକ ନିଜ ସଫଳତାର ଶ୍ରେୟ ଅଭିଭାବକ ଏବଂ ରସାୟନ ବିଜ୍ଞାନ ଅଧ୍ୟାପକ ଜୟନ୍ତ କୁମାର ସାହୁଙ୍କୁ ଦେଇଛନ୍ତି। ଆଗାମୀ ଦିନରେ ଦେଶ ମାତୃକାର ସେବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅଭିଷେକଙ୍କ ମା' ଏବଂ ବାପା ଗୋବିନ୍ଦପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ଯଥାକ୍ରମେ ସଂସ୍କୃତ ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ।

# ଭିନ୍ନ ପ୍ରଜାତିର ସାପ ଉଦ୍ଧାର

**ପରଜଙ୍ଗ, ୪।୧୨(ଡି.ଏନ.ଏ.)**


ସାପଟି ବେଙ୍ଗ ଗିଳୁଛି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଡମୋଳ ଗ୍ରାମର ବାନାମ୍ବର ବେହେରାଙ୍କ ଘର ନିକଟରେ ଥିବା କଦଳୀ ବଗିଚାରୁ ବୁଧବାର ଏକ ଭିନ୍ନ ପ୍ରଜାତିର ସାପ ଉଦ୍ଧାର କରାଯାଇଛି। ସାପଟି ଏକ ବେଙ୍ଗ ଗିଳୁଥିବାବେଳେ ପରିବାର ଲୋକେ ଦେଖି ସ୍ନେକ ହେଲ୍ପଲାଇନ ସଦସ୍ୟ ମନୋଜ ନାୟକ ଏବଂ ପିଣ୍ଟୁ ଦେବତାଙ୍କୁ ସୂଚନା ଦେଇଥିଲେ। ଉଭୟେ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ବନ କର୍ମଚାରୀଙ୍କ ଉପସ୍ଥିତିରେ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ସ୍ଥାନୀୟ ଲୋକେ ଏହାକୁ ସବୁଜ ଧଣ୍ଡ ବୋଲି କହୁଛନ୍ତି। ଏହି ସାପ ବିଷହୀନ ବୋଲି ଅଞ୍ଚଳରେ ଆଲୋଚନା ହେଉଛି।

# ଯୁବକଙ୍କୁ ମାଡ଼ମାରି ବୃଦ୍ଧା ଗିରଫ

**ରାସୋଳ, ୪।୧୨(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ରାସୋଳ ଥାନା ବେଢ଼ାପଡ଼ା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ କମେଣ୍ଟମରାକୁ ନେଇ ତୁମୁଳକାଣ୍ଡ ଘଟିଛି। ଛାତ୍ରୀଙ୍କ ପରିବାର ଲୋକେ ଅଭିଯୁକ୍ତ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିବା ଅଭିଯୋଗ ହୋଇଛି। ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ପୋଲିସ ଛାତ୍ରୀଙ୍କ ଜେଜେ ମା'ଙ୍କୁ ଗିରଫ କରିଛି।

ଛାତ୍ରୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଯୁବକ ଜଣକ ଏକତରଫା ଭାବେ ଝିଅକୁ ଭଲ ପାଉଥିଲେ। ତାଙ୍କର ପିଛା କରିବା ସହ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଏ ନେଇ ଝିଅ ଘରେ ଆସି କହିବା ପରେ ଯୁବକଙ୍କୁ ଧରି ପଚରାଉଚୁରା କରିଥିଲୁ। ଅନ୍ୟପଟେ ଯୁବକଙ୍କ ମା' ଏତଲାରେ ଦର୍ଶାଇଛନ୍ତି, ଛାତ୍ରୀଙ୍କ ପରିବାର ଲୋକେ ପୁଅକୁ ରାସ୍ତାରୁ ଟାଣିନେଇ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଛନ୍ତି। ଜୋତା ମାଳ ପିନ୍ଧାଇଛନ୍ତି। ଏହାର ପ୍ରତିବାଦ କରିବାକୁ ଯିବାବେଳେ ନାବାଳିକାଙ୍କ ଘର ଲୋକେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଥାନାଧିକାରୀ ବିଷ୍ଣୁ ଚରଣ ବାରିକ କୁହନ୍ତି, ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୃଥକ୍ ମାମଲା ରୁଜୁ କରାଯାଇଛି। ନାବାଳିକାଙ୍କ ଜେଜେ ମା'ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଯୁବକଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ଘଟଣାର ତଦନ୍ତ କରାଯାଉଛି।

# ପାଠ ସହ ଖେଳକୁଦ ଆବଶ୍ୟକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବଣ୍ଡାଁରପାଳ, ୪।୧୨(ଡି.ଏନ.ଏ.)**

ନାଲ୍‌କୋ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଲ୍‌କୋ ଇଡି ମନସା ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠ ସହ ଖେଳକୁଦର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ହେମନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ନାଲକୋର ବରିଷ୍ଠ ଅଧିକାରୀ ପି.କେ. ତ୍ରିପାଠୀ, ଏଜିଏମ ଏସ. କେ. ମହାପାତ୍ର ଚେସ ତାରକା ଅପରାଜିତା ଗୋଚ୍ଛିକା, ଆଥଲେଟ ନମିତା କବାଟ, ସ୍କୁଲ ସମ୍ପାଦକ ପ୍ରଭାତ କୁମାର ଧର ଯୋଗ ଦେଇଥିଲେ। ସ୍କୁଲ ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ, ସ୍କୁଲ ପରିଚାଳନା ସମିତିର ସଭାପତି ଅମିତ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିଥିଲା। ଏଥିରେ ନର୍ସରୀରୁ ଯୁକ୍ତ ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବଳିପ୍ରଥା ବନ୍ଦ ପାଇଁ ସଚେତନତା

**ମାଧପୁର, ୪।୧୨**

ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ପଞ୍ଚାୟତ ବେଲାଦୁଲା ଗ୍ରାମରେ ପଶୁବଳି ପ୍ରଥା ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ମାର୍ଗଶୀର ମାସ ଚତୁର୍ଥ ଗୁରୁବାର ଦିନ ଗ୍ରାମର ମାଉଳୀ ମା'ଙ୍କ ପୀଠରେ ବହୁ ସଂଖ୍ୟାରେ ପଶୁ ବଳି ଦିଆଯାଇଥାଏ। ହେଲେ ଏହି ପ୍ରଥା ବନ୍ଦ ପାଇଁ ନିୟମ ଥିବା ସତ୍ତ୍ୱେ ସଚେତନତା ଅଭାବରୁ ଲୋକେ ପଶୁ ବଳି ଦେଉଥିବା ଜଣାପଡ଼ିଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଆଠମଲ୍ଲିକ ପ୍ରଶାସନ ପକ୍ଷରୁ ସହକାରୀ ଉପଜିଲାପାଳ ନାରାୟଣ ମହାପାତ୍ର, କିଆକଟା ଥାନା ଏଏସଆଇ ସଞ୍ଜୟ ବେହେରା ପ୍ରମୁଖ ଲୋକଙ୍କୁ ଭେଟି ସଚେତନ କରାଇଥିଲେ।


ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସଚେତନତା ବୈଠକ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ